ଆଜି - ମଙ୍ଗଳବାର
ତାରିଖ - ୧୨ ମଇ ୨୦୨୬
ମାସ - ମେଷ, ଦିନ - ୨୯
ତିଥି - ଦଶମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ପୂର୍ବଭାଦ୍ର, କୁମ୍ଭ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୧୦ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ମାନବ ଦାନବ ହେବା ତା'ର ପରାଜୟ, ମାନବ ମହାମାନବ ହେବା ଚମତ୍କାରିତା ଏବଂ ମନୁଷ୍ୟ ମାନବ ହେବା ତା'ର ବିଜୟ ।"

\- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ


E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 28 R.N.I. REGD. No. 44026/86 ବାଲେଶ୍ୱର ୧୨ ମଇ ୨୦୨୬ ମଙ୍ଗଳବାର BALASORE 12 MAY 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଗୁଜରାଟରେ ସୋମନାଥ ଅମୃତ ମହୋତ୍ସବରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଶ୍ରୀ ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ସୋମନାଥ ମନ୍ଦିର ପରିସରରେ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମକୁ କେବଳ ଏକ ଆନୁଷ୍ଠାନିକ ଉତ୍ସବ ନୁହେଁ, ବରଂ ଭାରତର ଶାଶ୍ୱତ ଚେତନା ଏବଂ ସଭ୍ୟତାଗତ ଶକ୍ତି ଭାବେ ବର୍ଣ୍ଣନା କରିଥିଲେ । ଏହି ଐତିହାସିକ ସମାବେଶରେ ଦିବ୍ୟ ଭକ୍ତି ଏବଂ ରାଷ୍ଟ୍ରୀୟ ଗୌରବର ଏକ ଉଲ୍ଲେଖନୀୟ ସଙ୍ଗମ ଦେଖିବାକୁ ମିଳିଥିଲା । ବୈଦିକ ମନ୍ତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ଏବଂ ସମୁଦ୍ର ଲହଡ଼ିର ଗର୍ଜନ ସହିତ ଏହି ପବିତ୍ର ସ୍ଥାନର ପୁନଃନିର୍ମାଣ ଉତ୍ସବକୁ ଭବ୍ୟ ଆକାରରେ ପାଳନ କରାଯାଇଥିଲା । ପ୍ରାଚୀନ ଶାସ୍ତ୍ର ଜ୍ଞାନର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ବ୍ରହ୍ମାଣ୍ଡ ଈଶ୍ୱରଙ୍କଠାରୁ ଉତ୍ପନ୍ନ ହୁଏ ଏବଂ ତାଙ୍କ ମଧ୍ୟରେ ଲୀନ ହୁଏ । ଶ୍ରୀ ମୋଦୀ କହିଥିଲେ, ''ଯତୋ ଜାୟତେ ପାଲ୍ୟତେ ଯେନ ବିଶ୍ୱମ୍, ତମିଷମ୍ ଭକ୍ତେ ଲିୟତେ ଯତ୍ର ବିଶ୍ୱମ୍'',-ଆଜି ଆମେ ଈଶ୍ୱରଙ୍କ ନିବାସସ୍ଥଳୀ ପୁନଃନିର୍ମାଣର ଉତ୍ସବ ପାଳନ କରୁଛୁ । ନିଜର ବ୍ୟକ୍ତିଗତ ଭକ୍ତି ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନିଜକୁ ଦାଦା ସୋମନାଥଙ୍କ ଜଣେ ପରମ ଭକ୍ତ ଭାବରେ ବର୍ଣ୍ଣନା କରିଥିଲେ । ଏହି







ମନ୍ଦିରକୁ ଅନେକ ଥର ଆସିଥିବା ମନେ ପକାଇଥିଲେ । ଶ୍ରୀ ମୋଦୀ କହିଥିଲେ, ମୁଁ ତାଙ୍କ ସମ୍ମୁଖରେ ଅଗଣିତ ଥର ପ୍ରଣାମ କରିଛି, କିନ୍ତୁ ଆଜି ଯେତେବେଳେ ମୁଁ ଏଠାକୁ ଆସୁଥିଲି, ସେତେବେଳେ ସମୟର ଏହି ଯାତ୍ରା ମୋତେ ଏକ ସୁଖଦ ଅନୁଭୂତି ଦେଇଥିଲା ।'' ପ୍ରଧାନମନ୍ତ୍ରୀ ଶ୍ରୀ ସୋମନାଥ ସ୍ୱାଭିମାନ ପର୍ବ ଉପଲକ୍ଷେ କିଛି ମାସ ପୂର୍ବରୁ ଏହି ମନ୍ଦିରକୁ ତାଙ୍କର ଯାତ୍ରା ବିଷୟରେ ମନେ ପକାଇଥିଲେ । ଦୁଇଟି ସମାରୋହ ଏକସଙ୍ଗେ ସମ୍ପନ୍ନ ହେବାର ଅଭିନବ ମହତ୍ୱ ଉପରେ ସେ ଆଲୋକପାତ କରିଥିଲେ । ସେ କହିଥିଲେ, ''ପ୍ରଥମ ବିଧ୍ୱଂସର ୧୦୦୦ ବର୍ଷ ପରେ ମଧ ସୋମନାଥ ଅବିନାଶୀ ରହିବା ଏବଂ ଆଜି ଏହି ଆଧୁନିକ ସ୍ୱରୂପର ପ୍ରାଣ ପ୍ରତିଷ୍ଠାକୁ ୭୫ ବର୍ଷ ପୂରଣ ହେବା ଅବସରରେ ଆମକୁ ହଜାର ହଜାର ବର୍ଷର ଅମର ଯାତ୍ରାକୁ ଅନୁଭବ କରିବାର ସୁଯୋଗ ମିଳିଛି ।'' ୧୯୫୧ରେ ଏହି ଐତିହାସିକ ପ୍ରାଣ ପ୍ରତିଷ୍ଠା ସମାରୋହର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହା କୌଣସି ସାଧାରଣ ଅବସର ନୁହେଁ । ଯଦି ଭାରତ ୧୯୪୭ରେ ସ୍ୱାଧୀନ ହୋଇଥିଲା, ତେବେ ୧୯୫୧ରେ ସୋମନାଥର ପ୍ରାଣ-ପ୍ରତିଷ୍ଠା ଭାରତର ସ୍ୱାଧୀନ ଚେତନାକୁ ଉଦଘୋଷ କରିଥିଲା । ଭାରତ ସ୍ୱାଧୀନ ହେବାର ମାତ୍ର ଚାରି ବର୍ଷ ପରେ, ୧୯୫୧ ମସିହାରେ ମନ୍ଦିରର ପୁନଃନିର୍ମାଣର ଗଭୀର ମହତ୍ୱ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ।

### ଏକାମ୍ର କ୍ଷେତ୍ରରେ ସୋମନାଥ ସ୍ୱାଭିମାନ ପର୍ବ ପାଳିତ

## ଓଡ଼ିଶା ହେବ ଦେଶର ସାଂସ୍କୃତିକ ରାଜଧାନୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆଧ୍ୟାତ୍ମିକ ଆକାଶରେ ହୋଇଛି ନୂଆ ସୂର୍ଯ୍ୟୋଦୟ । ଓଡ଼ିଶା ହେବ ଦେଶର ସାଂସ୍କୃତିକ ରାଜଧାନୀ । ସବୁ ମନ୍ଦିରର ହେବ ପୁନଃରୁଦ୍ଧାର । ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଏକାମ୍ର କ୍ଷେତ୍ରସ୍ଥ ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ଏକ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ସୋମନାଥଙ୍କ ଇତିହାସ ଆମକୁ ଶିଖାଏ ଧୈର୍ଯ୍ୟ ଏବଂ ଆତ୍ମସମ୍ମାନ । ସୋମନାଥ ଏବଂ ଲିଙ୍ଗରାଜ ମନ୍ଦିର ମଧ୍ୟରେ ସମାନତା ରହିଛି । ଉଭୟ ମନ୍ଦିର ଭାରତର ପ୍ରାଚୀନ ଆଧ୍ୟାତ୍ମିକ ଏବଂ ସ୍ଥାପତ୍ୟ ଐତିହ୍ୟକୁ ପ୍ରତିନିଧିତ୍ୱ କରନ୍ତି । ପ୍ରଭୁ ସୋମନାଙ୍କୁ ପଶ୍ଚିମ ଭାରତର ରକ୍ଷକ ଏବଂ ପ୍ରଭୁ ଲିଙ୍ଗରାଜ ପୂର୍ବର ଅଟଳ ଆଧ୍ୟାତ୍ମିକ ଶକ୍ତି ବୋଲି କୁହାଯାଏ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତୀୟ ସଂସ୍କୃତିର ପ୍ରତୀକ ଶ୍ରୀ ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କ ୧୦୦୦ ବର୍ଷର ଗୌରବମୟ ଇତିହାସ ଏବଂ ମନ୍ଦିରର ପୁନରୁଦ୍ଧାରର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଆଜି ସାରା ଦେଶରେ ପାଳିତ ହେଉଛି "ସୋମନାଥ ସ୍ୱାଭିମାନ ପର୍ବ" । ଏହି



ଐତିହାସିକ ଅବସର, ଭାରତୀୟ ସଭ୍ୟତାର ପୁନର୍ଜନ୍ମର କାହାଣୀ, ଗୌରବର ଗାଥା । ଯାହାକୁ ରକ୍ଷା କରିବା ପାଇଁ ହଜାର ହଜାର ସନାତନୀ ନିଜ ପ୍ରାଣ ବଳି ଉତ୍ସର୍ଗ କରିଛନ୍ତି । ଏହାକୁ ନଷ୍ଟ କରିବା ଲାଗି ବାରମ୍ବାର ଚେଷ୍ଟା ହୋଇଛି । ହେଲେ ସେହି ସନାତନୀଙ୍କ ପାଇଁ ଆଜି ତାହା ବଂଚିରହିଛି । ସଗର୍ବରେ ଆଜିବି ଠିଆ ହୋଇଛି ସୋମନାଥ ମନ୍ଦିର । ସେହିଭଳି ଆମ ସଂସ୍କୃତି, ପରମ୍ପରାକୁ ନେଇ ଆମକୁ ଆଗକୁ ବଢିବାକୁ ପଡ଼ିବ । ପ୍ରଭୁ ଲିଙ୍ଗରାଜଙ୍କ ଭୂମିରୁ ମୁଁ ପ୍ରଭୁ ସୋମନାଥଙ୍କୁ ପ୍ରଣାମ ଜଣାଉଛି । ସୋମନାଥ ମନ୍ଦିର ଆମର ଆତ୍ମସମ୍ମାନର ପ୍ରତୀକ । ଶାସ୍ତ୍ର କହେ ସୋମନାଥ ମନ୍ଦିର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମ । ଭାରତର ପୂର୍ବ ଭାଗରେ ଥିବା ଏକାମ୍ର କ୍ଷେତ୍ର ମଧ୍ୟ ଅନ୍ୟତମ । ପ୍ରଭୁ ଲିଙ୍ଗରାଜ ଏବଂ ପ୍ରଭୁ ସୋମନାଥଙ୍କ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ଉଭୟ ସୋମନାଥ ଏବଂ ଲିଙ୍ଗରାଜ ମନ୍ଦିର ହେଉଛି ପ୍ରାଚୀନ ସଂସ୍କୃତି ଓ କଳାର ପରିଚୟ । ପ୍ରଭୁ ସୋମନାଥ ଯଦି ଭାରତବର୍ଷର ଜାଗ୍ରତ ପ୍ରହରୀ ତେବେ ପ୍ରଭୁ ଲିଙ୍ଗରାଜ ହେଉଛନ୍ତି ଅବିଚଳିତ ଶକ୍ତି । ପ୍ରଭୁ ଜଗନ୍ନାଥ ମଧ୍ୟ ବାରମ୍ବାର ଆକ୍ରମଣର ଶୀକାର ହୋଇଛନ୍ତି । ଆକ୍ରମଣକାରୀ ଜାଣି ନଥିଲେ, ଭାରତର ଆସ୍ଥା ପଥରରେ ନୁହେଁ ଭାରତବାସୀଙ୍କ ରକ୍ତରେ ଅଛି । ଯେତେଥର ମନ୍ଦିର ଭାଙ୍ଗିଛନ୍ତି ସେତେଥର ମନ୍ଦିର ନିର୍ମାଣ କରିଛନ୍ତି । ସୋମନାଥ ମନ୍ଦିର ଆକ୍ରମଣର ଏକ ହଜାର ବର୍ଷ ପୂର୍ତ୍ତି ହୋଇଛି । ଏହାକୁ ଆମେ ଅତୁଟ ଆସ୍ଥାର ଏକ ହଜାର ବର୍ଷ ଭାବେ ପାଳନ କରାଯାଉଛି । ଯେତେବେଳେ ଏହାକୁ ନେହୁରୁ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଯିବାକୁ ମନା କରିଦେଇଥିଲେ । ମୋଦିଙ୍କ ନୂଆ ଭାରତ । ସୋମନାଥ ସ୍ୱାଭିମାନ ପର୍ବ ଭାରତ ବର୍ଷରେ ସବୁଠାରେ ପାଳନ କରାଯାଉଛି ।

## ପଶ୍ଚିମ ଏସିଆ ସ୍ଥିତିକୁ ନେଇ ଜରୁରୀକାଳୀନ ବୈଠକରେ ଅଧ୍ୟକ୍ଷତା କଲେ ରାଜନାଥ ସିଂ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୈଳ ସଂଚୟ ଅପିଲ୍ ପରେ ସରକାର ବ୍ୟାପକ ଭାବେ ସକ୍ରିୟ ହୋଇ ଉଠିଛନ୍ତି । ଏହି କ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୋମବାର ଏକ ଜରୁରୀକାଳୀନ ବୈଠକ କରିଛନ୍ତି । ପଶ୍ଚିମ ଏସିଆର ସ୍ଥିତି ଉପରେ ନଜର ରଖିବା ପାଇଁ ଗଠିତ ମନ୍ତ୍ରୀସ୍ତରୀୟ ଗ୍ରୁପ୍ ମଧ ଏହି ବୈଠକରେ ସାମିଲ ହୋଇ ଥିଲେ । ଏହି ଅଂଚଳର ସାମ୍ପ୍ରତିକ ପରିସ୍ଥିତି ଏବଂ ଏହା ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପାଇଁ ଏହି ବୈଠକ ଡକାଯାଇ ଥିଲା । ଏହା ପୂର୍ବରୁ ରବିବାର ହାଇଦ୍ରାବାଦରେ ଏକ ରାଲି ସମୟରେ ପ୍ରଧାନମନ୍ତ୍ରୀ ମୋଦି ସମସ୍ତ ଭାରତୀୟଙ୍କୁ ତୈଳ ସଂଚୟ କରିବାକୁ ଆହ୍ୱାନ କରି ଥିଲେ । ବିଶ୍ୱସ୍ତରୀୟ ପରିସ୍ଥିତି କାରଣରୁ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟକୁ ଦୃଷ୍ଟିରେ ରଖି ସେ ସତର୍କତାମୂଳକ ପଦକ୍ଷେପ ନେବାକୁ ଅପିଲ୍ କରିଥିଲେ । ମୋଦି କହିଥିଲେ ଯେ, ବର୍ତ୍ତମାନର ସଙ୍କଟ କେବଳ ସରକାରଙ୍କ ପାଇଁ



ଚ୍ୟାଲେଞ୍ଜ ନୁହେଁ, ବରଂ ଏହା ଦେଶର 'ନ୍ୟାସନାଲ୍ କ୍ୟାରେକ୍ଟର'ର ପରୀକ୍ଷା । ରବିବାର ବିଜେପିର ତେଲେଙ୍ଗାନା ୟୁନିଟ୍ ଦ୍ୱାରା ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ବୈଦେଶିକ ମୁଦ୍ରା ବଂଚାଇବା ପାଇଁ ପେଟ୍ରୋଲ ଏବଂ ଡିଜେଲର ସତର୍କତାମୂଳକ ବ୍ୟବହାର, ସହରରେ ମେଟ୍ରୋ ରେଳ ସେବାର ବ୍ୟବହାର, କାର୍ ପୁଲିଂ, ବୈଦ୍ୟୁତିକ ଯାନର ଅଧିକ ବ୍ୟବହାର, ପାର୍ସଲ ପଠାଇବା ପାଇଁ ରେଳ ସେବାର ଉପଯୋଗ ଏବଂ 'ୱର୍କ ଫ୍ରମ୍ ହୋମ୍' ଭଳି ପଦକ୍ଷେପ ପାଇଁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ, ଯୁଦ୍ଧ କାରଣରୁ ପେଟ୍ରୋଲ ଏବଂ ସାର ଦରରେ ବ୍ୟାପକ ବୃଦ୍ଧି ଘଟିଛି । ଯେତେବେଳେ ସପ୍ଲାଏ ଚେନ୍ ଉପରେ ଚାପ ପଡ଼େ, ସେତେବେଳେ ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ଅସୁବିଧା ବଢ଼ିଥାଏ । ତେଣୁ ଏହି ବିଶ୍ୱସ୍ତରୀୟ ସଙ୍କଟ ସମୟରେ ଦେଶକୁ ସର୍ବୋପରି ରଖି ଆମକୁ ସଂକଳ୍ପ ନେବାକୁ ହେବ । କରୋନା ସମୟ କଥା ମନେପକାଇ ମୋଦି କହିଥିଲେ ଯେ, 'ଆମେ କରୋନା ସମୟରେ ଘରୁ କାମ କରିବା, ଡିଜିଟାଲ୍ ମାଧ୍ୟମରେ ବୈଠକ, ଭିଡିଓ କନଫରେନ୍ସିଂ ଏବଂ ଅନ୍ୟାନ୍ୟ ଅନେକ ଉପାୟ ବିକଶିତ କରିଥିଲୁ ଏବଂ ଏଥିରେ ଅଭ୍ୟସ୍ତ ମଧ୍ୟ ହୋଇଥିଲୁ । ବର୍ତ୍ତମାନ ସେହି ସବୁ ଉପାୟକୁ ପୁଣି ଥରେ ଆରମ୍ଭ କରିବାର ସମୟ ଆସିଛି ।' ବୈଦେଶିକ ମୁଦ୍ରା ସଂଚୟ ଉପରେ ଗୁରୁତ୍ୱ ଦେଇ ସେ ବର୍ଷକ ପାଇଁ ସୁନା କିଣିବା ଏବଂ ବିଦେଶ ଭ୍ରମଣ ସ୍ଥଗିତ ରଖିବାକୁ ଆହ୍ୱାନ କରିଥିଲେ । ଏଥିସହ ଖାଦ୍ୟତୈଳର ବ୍ୟବହାର କମ୍ କରିବା, ରାସାୟନିକ ସାର ବଦଳରେ ପ୍ରାକୃତିକ ଚାଷ ଏବଂ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେବାକୁ ସେ କହିଥିଲେ । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର କହିଛନ୍ତି ଯେ, ପଶ୍ଚିମ ଏସିଆରେ ଯୁଦ୍ଧ ଶୀଘ୍ର ଶେଷ ହେବାର ସମ୍ଭାବନା ନଥିବାରୁ ନାଗରିକମାନେ ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁରକ୍ଷିତ ରଖିବା ପାଇଁ ସମ୍ଭାବ୍ୟ ସମସ୍ତ ଚେଷ୍ଟା କରିବା ଉଚିତ୍ ।

## ଆଇଆଇଟି ବମ୍ବେରେ ଦେଶର ପ୍ରଥମ କାର୍ବନ କ୍ୟାପଚର ଲ୍ୟାବ୍‌ର ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ମୁମ୍ବାଇ : ଭାରତର ପ୍ରଥମ 'ଇଂଟିଗ୍ରେଟେଡ୍ କାର୍ବନ କ୍ୟାପଚର, ୟୁଟିଲାଇଜେସନ୍ ଏଣ୍ଡ୍ ଷ୍ଟୋରେଜ୍ (ସିସିୟୁଏସ)' ଫିଲ୍ଡ ଲାବୋରେଟୋରୀର ଶୁଭାରମ୍ଭ ବର୍ତ୍ତମାନ ସମୟରେ ପୂର୍ଣ୍ଣ ରୂପେ ସ୍ୱାଗତଯୋଗ୍ୟ । ଏହା ଭାରତର ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ସୋମବାର ଆଇଆଇଟି ବମ୍ବେ ଠାରେ ଏହି ଲ୍ୟାବର ଶୁଭାରମ୍ଭ କରିବା ସହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପଂଚାମୃତ' ପ୍ରତିଶ୍ରୁତି ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବାରେ ଏହି ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ଆହରଣ ନୁହେଁ, ବରଂ ନବସୃଜନ ଓ ଗବେଷଣା ମାଧ୍ୟମରେ ଦେଶର ସାମର୍ଥ୍ୟ ବୃଦ୍ଧି କରୁଛନ୍ତି । ୨୦୪୭



ସୁଦ୍ଧା 'ବିକଶିତ ଭାରତ' ଗଠନ ପାଇଁ ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ । ଆଇଆଇଟି ବମ୍ବେର ଦ୍ୱାରା ପ୍ରୋତ୍ସାହିତ ଷ୍ଟାର୍ଟଅପ୍ 'ଉର୍ଜାନୋଭାକ'କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ ଏହାକୁ ଭାରତର ବୈଜ୍ଞାନିକ ସାମର୍ଥ୍ୟର ପ୍ରତିଫଳନ ବୋଲି ଅଭିହିତ କରିଛନ୍ତି । ଏହାପରେ କେନ୍ଦ୍ରମନ୍ତ୍ରୀ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (ଟିସ) ର ୯୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ 'ଗ୍ଲୋବାଲ କଲୋକ୍ୱିଅମ୍-୨୦୨୬'କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ସାମାଜିକ ବିଜ୍ଞାନ କେବଳ ଏକ ପାଠ୍ୟକ୍ରମ ନୁହେଁ, ବରଂ ସମାଜର ପ୍ରଗତି ଓ ସମାନତା ପାଇଁ ଏକ ଦସ୍ତାବିଜ । ସେ କହିଥିଲେ ଯେ, ଭାରତର ବହୁସଂଖ୍ୟକ ଯୁବଶକ୍ତିଙ୍କ ପାଇଁ ବୁଝିଲା ଭଳି ତଥା ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି । ସେହିପରି ଗତ ୧୨ ବର୍ଷ ମଧ୍ୟରେ 'ସବ୍‌କା ସାଥ୍, ସବ୍‌କା ବିକାଶ' ଏବଂ 'ଜାମ' ତଥା ଜନଧନ, ଆଧାର ଓ ମୋବାଇଲ୍ ମାଧ୍ୟମରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାବେଶୀ ବିକାଶ ଅଣାଯାଇଛି । ଆର୍ଥିକ ପ୍ରଗତି ସହ ସାମାଜିକ ସଚେତନତା ଓ ମାନବୀୟ ସମ୍ବେଦନଶୀଳତା ହିଁ ପ୍ରକୃତ ବିକାଶର ମାପକାଠି । ଟିସ ଭଳି ଅନୁଷ୍ଠାନ ଏହି କ୍ଷେତ୍ରରେ ଏକ ସେତୁ ଭାବେ କାର୍ଯ୍ୟ କରୁଛି । ଶେଷରେ ଶ୍ରୀ ପ୍ରଧାନ ସମସ୍ତ ଅଂଶଗ୍ରହଣକାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସଫଳ ବିଚାର ବିମର୍ଶ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

### ଅଳ୍ପରେ ଖବର

- ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି । ଚଳିତ ସପ୍ତାହର ଶେଷ ଆଡ଼କୁ ଦକ୍ଷିଣ ବଙ୍ଗୋପସାଗରକୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଛୁଇଁବା ଆଶା ରହିଛି ।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।
- ରାଜ୍ୟରେ ରବି ଋତୁରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ସୋମବାର ବରଗଡ଼ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଛି ।

## ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି

ଭୁବନେଶ୍ୱର : ଦକ୍ଷିଣ ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଂଚଳ ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ମଙ୍ଗଳବାର ସୁଦ୍ଧା ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗର



ସୂଚନାନୁସାରେ, ଲଘୁଚାପ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବ କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ତେବେ ବିଭିନ୍ନ ପାଣିପାଗ ମଡେଲ ଭିନ୍ନ ଭିନ୍ନ ତଥ୍ୟ ରଖୁଛନ୍ତି । ଅଧିକାଂଶ ମଡେଲ ବଙ୍ଗୋପସାଗରରେ ସିଷ୍ଟମ ଅଧିକ ଘନୀଭୂତ ହେବ ନାହିଁ ବୋଲି ଆକଳନ କରୁଛନ୍ତି । ଯଦିଓ ବାତ୍ୟା ନେଇ କୌଣସି ସ୍ପଷ୍ଟ ଚିତ୍ର ନାହିଁ, ତଥାପି ଏହି ସିଷ୍ଟମ୍ ପ୍ରଭାବରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଉପକୂଳରେ ପାଗ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ବିଶେଷକରି ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା, ବଜ୍ରପାତ ଓ ପବନ ବହିପାରେ ବୋଲି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଏବେ ରାଜ୍ୟରେ ଦିନରେ ଖରା ଓ ଗୁଳୁଗୁଳି ଅନୁଭୂତ ହେଉଥିବାବେଳେ ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳୁଛି । ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏଥିସହ ୧୫ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ନେଇ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି । ସୋମବାର ଅପରାହ୍ନରେ ଢେଙ୍କାନାଳ, ଗଜପତି ଓ କେନ୍ଦୁଝର ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି । ଏସବୁ ଜିଲାରେ ଘଂଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଘଡ଼ଘଡ଼ିର ସମ୍ଭାବନା ରହିଛି । ସେହିପରି ମୟୂରଭଞ୍ଜ, ଅନୁଗୋଳ, ସୁନ୍ଦରଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ, ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି । ୧୨ ତାରିଖରେ ମଧ୍ୟ ବିଭିନ୍ନ ଜିଲାକୁ କାଳବୈଶାଖୀ ସହ ବର୍ଷା ନେଇ ସତର୍କ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର ।

## ଜାତୀୟ ଜନଗଣନା କାର୍ଯ୍ୟକ୍ରମରେ ଓଡ଼ିଶା ଆଗୁଆ

ଭୁବନେଶ୍ୱର: ଜାତୀୟ ଜନଗଣନା କାର୍ଯ୍ୟରେ ଓଡ଼ିଶା ଏକ ବଡ଼ ସଫଳତା ହାସଲ କରିଛି । ସମଗ୍ର ଦେଶରେ ଜନଗଣନା ପ୍ରକ୍ରିୟାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିବା ବେଳେ ଏପର୍ଯ୍ୟନ୍ତ ରାଜ୍ୟର ୯୦ ପ୍ରତିଶତରୁ ଅଧିକ ଘର ତାଲିକାକରଣ କାର୍ଯ୍ୟ ଶେଷ ହୋଇଛି । ସୋମବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଜନଗଣନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କରୁଥିବାରୁ ଏହି ଲକ୍ଷ୍ୟ ହାସଲ ହୋଇପାରିଛି । ବିଶେଷ କରି ସୀମାନ୍ତ ଅଂଚଳରେ ଚାଲିଥିବା ବିବାଦ ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି ଯେ, କୋଟିଆ ପଂଚାୟତରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୧୦୦



ପ୍ରତିଶତ ଘର ନମ୍ବର ଦେବା କାର୍ଯ୍ୟ ସରିଛି । ସେଠାରେ ଆନ୍ଧ୍ରପ୍ରଦେଶ ସରକାରଙ୍କ କୌଣସି ପ୍ରକାର ହସ୍ତକ୍ଷେପ କିମ୍ବା ସମାନ୍ତରାଳ ଜନଗଣନା ଉଦ୍ୟମକୁ ସେ 'ନିରର୍ଥକ' ବୋଲି କହିଛନ୍ତି । କୋଟିଆର ଜନସାଧାରଣ ଓଡ଼ିଶା ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ, ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନଗଣନା କର୍ମଚାରୀଙ୍କ ପାଇଁ ନୂଆ ଏସଓପି ଜାରି କରାଯାଇଛି । କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥାକୁ ପ୍ରାଥମିକତା ଦେଇ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସକାଳ ଏବଂ ସନ୍ଧ୍ୟା ସମୟରେ ଏହି କାର୍ଯ୍ୟ ଜାରି ରହିବ । କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ମନ୍ତ୍ରୀ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସେ କହିଛନ୍ତି ଯେ, କୌଣସି ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟ ସମୟରେ ଦୁର୍ବ୍ୟବହାର କିମ୍ବା ଆକ୍ରମଣ କଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅପରାଧୀ ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ସେମାନଙ୍କୁ ପାତାଳରୁ ଖୋଜି ବାହାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।



# ବାଲେଶ୍ୱରରେ ଅନୁଷ୍ଠିତ ହେଲା 'ସୋମନାଥ ସ୍ୱାଭିମାନ ପର୍ବ' : ପ୍ରତିଧ୍ୱନିତ ହେଲା ଭାରତୀୟ ସଂସ୍କୃତି ଓ ସ୍ୱାଭିମାନର ଗୌରବ ଗାଥା

ବାଲେଶ୍ୱର,(ନି.ପ୍ର.): ଜିଲ୍ଲା ପ୍ରଶାସନ ଏବଂ ସଂସ୍କୃତି ବିଭାଗର ଯୁଗ୍ମ ଆୟୋଜନରେ ପୁରୁଣା ବାଲେଶ୍ୱରସ୍ଥିତ ପ୍ରସିଦ୍ଧ ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ 'ସୋମନାଥ ସ୍ୱାଭିମାନ ପର୍ବ' ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଭାରତର ସାଂସ୍କୃତିକ ପୁନରୁ□ାନ, ଐତିହ୍ୟ ଓ ଜାତୀୟ ସ୍ୱାଭିମାନର ପ୍ରତୀକ ସୋମନାଥ ମନ୍ଦିରର ଗୌରବମୟ ଇତିହାସକୁ ସ୍ମରଣ କରି ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୁଜୁରାଟସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପୂଜାର୍ଚ୍ଚନାର ସିଧା ପ୍ରସାରଣ ଏବଂ ସୋମନାଥ ମନ୍ଦିରର ଭବ୍ୟତାକୁ ନେଇ ଏକ ଦୃଶ୍ୟାବଳୀ ପ୍ରଦର୍ଶିତ କରାଯାଇଥିଲା ତାପରେ ସେ ନିଜର ବାର୍ତ୍ତା ରଖିଥିଲେ । 'ଅମୃତ



ଆତ୍ମାର ଗୌରବ ଗାଥା' ଶୀର୍ଷକରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂସ୍କୃତି ପ୍ରେମୀ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ବିଧାୟକ ଶ୍ରୀ ମାନସ ଦତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ, ସ୍ଥାନୀୟ ପାରିଷଦବୃନ୍ଦ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଂଟିଆ ଉପସ୍ଥିତ ଥିଲେ । ଜିଲ୍ଲା ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ସୋମନାଥଙ୍କ ମହିମା ଏବଂ ଭାରତୀୟ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସଂକଳ୍ପ ଗ୍ରହଣ କରିଥିଲେ । ଅତିଥିମାନେ ତାଙ୍କ ଉଦବୋଧନରେ କହିଥିଲେ ଯେ, ସୋମନାଥ ମନ୍ଦିର କେବଳ ଏକ ଧାର୍ମିକ ପୀଠ ନୁହେଁ, ବରଂ ଭାରତୀୟ ସଭ୍ୟତାର ସ୍ୱାଭିମାନ, ସଂଘର୍ଷ ଓ ପୁନରୁ□ାନର ଜୀବନ୍ତ ପ୍ରତୀକ ।ଉଲ୍ଲେଖଯୋଗ୍ୟ ଯେ, ୧୦୨୬ ମସିହାର ଆକ୍ରମଣର ୧୦୦୦ ବର୍ଷ ପୂର୍ତ୍ତି ଏବଂ ୧୯୫୧ ମସିହାରେ ସୋମନାଥ ମନ୍ଦିରର ପୁନଃନିର୍ମାଣର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରାଯାଉଛି । ବାଣେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭାରତର ଗୌରବମୟ ଇତିହାସ ଓ ସଂସ୍କୃତି ସହ ଅଧିକ ସଂଯୁକ୍ତ କରିବାକୁ ପ୍ରୟାସ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମଟି ଆଧ୍ୟାତ୍ମିକତା, ସଂସ୍କୃତି ଓ ଦେଶଭକ୍ତିର ଏକ ସୁନ୍ଦର ସମନ୍ୱୟ ସୃଷ୍ଟି କରିଥିଲା ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୋଗରାଇ, (ନି.ପ୍ର.) ଆଜି ସକାଳ ଘ: ୭ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଭୋଗରାଇ ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୧୪୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୩୫ ଗୋଟି ବ୍ୟକ୍ତିଗତ ଓ ୦୪ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୦୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୨ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି



କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ, ଉପ ଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ବ୍ୟକ୍ତି ଯେଉଁମାନଙ୍କର ସମସ୍ୟା ଗୁଡ଼ିକ ପ୍ରଶାସନିକସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଜିଲ୍ଲା ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ଆଜି ଅପରାହ୍ନ ରେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ-୧ ନିକଟସ୍ଥ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଜିଲ୍ଲା ବିଜେପି ର ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ଆଗାମୀ ମଇ ୧୯ ଓ ୨୦ ତାରିଖ ରେ ହେବାକୁ ଥିବା ଜିଲ୍ଲା ପ୍ରଶିକ୍ଷଣ ବର୍ଗ ବିଷୟ ରେ ଦାୟିତ୍ୱ ବଂଟନ କରିଥିଲେ ,ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରା ଉକ୍ତ ପ୍ରଶିକ୍ଷିଣ ରେ ସମୟ ସାରଣୀ ଓ ସତ୍ର ଉପରେ ଆଲୋକ ପାତ କରିଥିଲେ,ଜିଲ୍ଲା ପ୍ରଭାରୀ ଗୌତମ ରାୟ, ଗତ ପଶ୍ଚିମ ବଙ୍ଗ ନିର୍ବାଚନ ରେ ବାଲେଶ୍ୱର ଜିଲ୍ଲା ବିଜେପି କାର୍ଯ୍ୟକର୍ତା ଙ୍କ ପରିଶ୍ରମ ରେ ଦଳ ବିଜୟ ନେଇ ଜିଲ୍ଲା ବିଜେପି କୁ ଧନ୍ୟବାଦ୍




ଦେଇଥିଲେ,ଜିଲ୍ଲା ପ୍ରଶିକ୍ଷିଣ ଶିବିର ପ୍ରଭାରୀ ଆଶୁତୋଷ ପରିଡ଼ା, ସହ ପ୍ରଭାରୀ ହିତେଶ ମହାପାତ୍ର ଙ୍କ ସମେତ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ, ଡଃ ଅଣୁ ମାଧବ ପଣ୍ଡା, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ ଓ ମମତା ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ,ଜିଲ୍ଲା ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ବିଜୟ ସାହୁ, ଅଜୟ ପଣ୍ଡା, ସିପ୍ରା ରେଖା ମହାପାତ୍ର, ସସ୍ମିତା ଚାନ୍ଦ, ଜିଲ୍ଲା ଗଣ ମାଧ୍ୟମ ସହ ସଂଯୋଜକ ରଣଜିତ୍ ପୃଷ୍ଟି,ସମ୍ପାଦକ ନିରାକାର ପଣ୍ଡା, ରାକେଶ ମହାପାତ୍ର, ରବିତା ଦାସ, ରୋଜାଲିନ ପାଣି, ଶୁଭଦ୍ରା ପାଢୀ, କୋଷାଧକ୍ଷ ମୋହିତ ପୋଦ୍ଦାର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, କୃଷକ ମୋର୍ଚ୍ଚା ସଭାପତି ତାପସ ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ସନ୍ତୋଷ ସେଠୀ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ସମୟ ଟୁଡୁ, ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ଶେଖ୍ ଅତିଉଲାହ, ବରିଷ୍ଠ କାର୍ଯ୍ୟକର୍ତା ଭଗବାନ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ରାଷ୍ଟ୍ରୀୟ ବନ୍ଦନା ଶେଷ ରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ଏହି କାର୍ଯ୍ୟକ୍ରମ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ସମ୍ପାଦକ ରାଜେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସାନସାଉଁରେ ପ୍ରତିଷ୍ଠା ହେଲା ମହିଷାସୂରୀଙ୍କ ଭବ୍ୟ ନୂତନ ମନ୍ଦିର : ତିନିଦିନ ବ୍ୟାପୀ ହୋମଯଜ୍ଞ ଓ କଳସ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ହେଲେ ସାମିଲ

ବାଲେଶ୍ୱର(ନି.ପ୍ର.) : ସଦର ବ୍ଲକ ଗେଙ୍ଗୁଟି ପଂଚାୟତ ଅନ୍ତର୍ଗତ ସାନସାଉଁ ଗାଁରେ ଜଗତଜନନୀ ମାଆ ମହିଷାସୂରୀଙ୍କର ନବ ନିର୍ମିତ ଭବ୍ୟ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଛି । ଗାଁର କାଚେରୀ ପୋଖରୀ ନିକଟରେ ତିନିଦିନ ଧରି ଆୟୋଜିତ ଏହି ଧାର୍ମିକ କାର୍ଯ୍ୟକ୍ରମରେ ହୋମଯଜ୍ଞ, ପୂଜାର୍ଚ୍ଚନା ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପୁରାତନ ମନ୍ଦିରଟି ଦୀର୍ଘ ଦିନରୁ ଭଗ୍ନ ଅବସ୍ଥାରେ ଥିବାରୁ ଗ୍ରାମବାସୀମାନେ ନୂତନ ମନ୍ଦିର ନିର୍ମାଣ ପାଇଁ ସଂକଳ୍ପ ନେଇଥିଲେ । ଦେହୁରୀଙ୍କ ମାଧ୍ୟମରେ ମାଆଙ୍କ ସ୍ୱପ୍ନାଦେଶ ଲାଭ କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଚଳିତ ମାସ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସରେ ଗ୍ରାମ ଓ ଆଖପାଖ ଅଂଚଳର ଶତାଧିକ ଶ୍ରଦ୍ଧାଳୁ କଳସ ଯାତ୍ରାରେ ସାମିଲ ହୋଇଥିଲେ । ବେଦଜ୍ଞ ସଞ୍ଜୟ ପଣ୍ଡାଙ୍କ ପୌରୋହିତ୍ୟରେ ସାତଜଣ ନୈଷ୍ଠିକ ବ୍ରାହ୍ମଣ ତିନିଦିନ ବ୍ୟାପୀ ହୋମଯଜ୍ଞ ସମ୍ପାଦନ କରିଥିଲେ । ଏହି ଅବସରରେ ମାଆ ମହିଷାସୂରୀଙ୍କ ସହିତ ଦେବୀ ହରଗୌରୀ, ଦେବୀ କାଳୀ ଓ ପଂଚମୁଖୀ ମାଆଙ୍କର ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଉତ୍ସବରେ ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରାକ୍ତନ ସରପଂଚ ବିରୁପାକ୍ଷ ମହାପାତ୍ର, କବି ସୁଧାକର ସେଠୀ, ସୂଚନାଧିକାର କର୍ମୀ କମଳ ଲୋଚନ ରାଉତ, ସୃଷ୍ଟିର ମୁଖ୍ୟ ସନତ କୁମାର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି



ଯୋଗଦେଇ ମାଆଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୋପୀନାଥ ବିଶ୍ୱାଳ, ରବୀନ୍ଦ୍ର ମହାନ୍ତି, ନବକୁମାର ନାୟକ, ଶ୍ରୀଧର ବିଶ୍ୱାଳ, ତ୍ରିଲୋଚନ ବେହେରା, ସୁବ୍ରତ ନାୟକ, କାର୍ତ୍ତିକ ଗୋଛାୟତ, ସୁଶାନ୍ତ ନାୟକ, ସନ୍ଦୀପ ଗୋଛାୟତ, ସୁଦର୍ଶନ ପରିଡା, ରଘୁନାଥ ବିଶ୍ୱାଳ, ଗୋବର୍ଦ୍ଧନ ନାୟକ, ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଗ୍ରାମବାସୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର(ନି.ପ୍ର.) ନବନିର୍ମାଣ କୃଷକ ସଂଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବୀକୁ ନେଇ ଅନବରତ ଭାବରେ ଧାରଣା, ସତ୍ୟାଗ୍ରହ, ଗଣପଦଯାତ୍ରା ଓ ଜେଲ୍ ଯାତ୍ରା ଇତ୍ୟାଦି ମାଧ୍ୟମରେ ତାର ସଂଘର୍ଷ ଜାରି ରଖିଛି । ଯାହାର ପରିଣାମ ସ୍ୱରୁପ କାଳିଆ ଯୋଜନା ଠାରୁ ଆରମ୍ଭ କରି ଧାନ ଉପରେ କ୍ୟୁଂଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତାର ଲାଭ ଚାଷୀ ପାଖରେ ପହଂଚିଛି । ଠିକ୍ ସେହିପରି ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ ଆରମ୍ଭ ହୋଇଥିବା ଏକ କୃଷକ ଏକତା ପଦଯାତ୍ରା ପ୍ରାଇସ୍ (ଚାଷୀ ଉତ୍ପାଦର ଉଚିତ୍ ମୂଲ୍ୟ), ପ୍ରେଷ୍ଟିଜ୍ (ଚାଷୀର ସମ୍ମାନ, ସ୍ୱାଭିମାନ ଓ ସ୍ୱାବଲମ୍ବନ), ପେନସନ୍ (ଚାଷୀ ସୁରକ୍ଷା ଭତା- ୨୦ ବର୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ସୁରକ୍ଷା ଭତା ଏବଂ ୬୦ ବର୍ଷରୁ ପ୍ରତ୍ୟେକ ବୟସ୍କଙ୍କୁ ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତା) ଏବଂ ଜମି, ଜଳ, ଜଙ୍ଗଲ, ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ଜଳସେଚନ, ଜଳ ନିଷ୍କାସନ, ଶୀତଳ ଭଣ୍ଡାର, ଧାନର ଅଭାବୀ ବିକ୍ରି ଇତ୍ୟାଦି ୨୧ ଦଫା ଦାବୀକୁ ନେଇ ମାର୍ଚ୍ଚ ୩୧ ତାରିଖରେ ବିଧାନସଭା ସାମ୍ନାରେ ଥିବା ପିଏମଜିରେ ଏକ ଚାଷୀ ସମାବେଶ ମାଧ୍ୟମରେ ସରକାରଙ୍କୁ ଉକ୍ତ ଦାବୀଗୁଡ଼ିକ ବିଷୟରେ ସ୍ମାରକ ପତ୍ର ଦେଇ ଆଲୋଚନା କରିବାର ଥିଲା । କିନ୍ତୁ, ଡବଲ ଇଞ୍ଜିନ୍ ବିଜେପି ସରକାର ଅହିଂସକ ଓ ଶାନ୍ତିପୂର୍ଣ୍ଣ ଭାବରେ ଚାଲୁଥିବା ସରଳ ଚାଷୀ ଓ ଆଦିବାସୀଙ୍କର ପଦଯାତ୍ରାକୁ କଟକର ଫୁଲନଖରା ଠାରେ ଅଟକାଇ ଗତ ୩୦ ମାର୍ଚ୍ଚରେ ୭୦୦ ଚାଷୀଙ୍କୁ (ଯେଉଁଥିରେ ୨୦୦ ମହିଳା ଉପସ୍ଥିତ ଥିଲେ) ଅଗଣତାନ୍ତ୍ରିକ ଭାବରେ ଗିରଫ କରିନେଲେ ଏବଂ ତତ୍ ସହିତ ହିଂସା ଓ ଦଙ୍ଗା ଇତ୍ୟାଦି ମିଛ ଆରୋପ ଲଗାଇ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ




ସଂଯୋଜକ ଅକ୍ଷୟ କୁମାରଙ୍କ ସହିତ ଉତରପ୍ରଦେଶର ରାଷ୍ଟ୍ରୀୟ ନେତୃତ୍ୱ ଅରବିନ୍ଦ ମୂର୍ତି (ଆଇକ୍ୟାନ୍ ?ର ରାଷ୍ଟ୍ରୀୟ ସଂଯୋଜକ), ଝାଡ଼ଖଣ୍ଡର ନେତୃତ୍ୱ ବିଜୟ ସିଂ (ଅଲ୍ ଇଣ୍ଡିଆ ପିପୁଲ୍ସ ଫ୍ରଂଟର ଉପ-ସଭାପତି) ଏବଂ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କୁ ମିଶାଇ ମୋଟ ୧୩ ଜଣଙ୍କୁ ୧୫ ଦିନ ପାଇଁ ଜେଲ୍ ପଠାଇଦେଲେ । (ଯିଦିଓ ରାଷ୍ଟ୍ରୀୟ ଚାଷୀ ନେତା ରାକେଶ ଟିକାୟତ, ବିହାର ଚାଷୀ ନେତା ଦିନେଶ କୁମାର, ବିହାରର ସାସଂଦ ସୁଧାକର ସିଂଙ୍କ ସମେତ ନବନିର୍ମାଣ ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀଙ୍କୁ ନଜର ବନ୍ଦୀରେ ୩୧ ତାରିଖ ପର୍ଯ୍ୟନ୍ତ ରଖି ଛାଡ଼ିଥିଲେ ।ଅକ୍ଷୟ କୁମାରଙ୍କ ସହିତ ୧୩ ଜଣ ବନ୍ଧୁ ଜେଲରୁ ମୁକୁଳିବା ପରେ ସରକାର ତାଙ୍କ ଅଗଣତାନ୍ତ୍ରୀକ, ଅସାମ୍ବିଧାନିକ ଗିରଫଦାରୀ ଦ୍ୱାରା ସମ୍ବିଧାନ ଧାରା ୧୯ (ପ୍ରତ୍ୟେକ ସମୂହ ଅହିଂସକ ଓ ଶାନ୍ତିପୂର୍ଣ୍ଣଭାବରେ ନିଜର ଦାବୀ ଉପସ୍ଥାପିତ କରିବା ପାଇଁ ବିଧାନସଭା ସାମ୍ନାକୁ ଯାଇପାରିବେ)କୁ ଦଳିଚକଟି ନଷ୍ଟ କରିଦେଇଛନ୍ତି ।ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ନବନିର୍ମାଣ କୃଷକ ସଂଗଠନ ଏପ୍ରିଲ ୨୮ ତାରିଖରୁ କଟକର ସତ୍ୟଭାମାପୁରରୁ ଆରମ୍ଭ କରୁଥିବା "ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା" ୩୦ଟି ଜିଲ୍ଲାରେ ଚାଷୀ, ଯୁବକ, ବୁଦ୍ଧିଜୀବୀ ଇତ୍ୟାଦିଙ୍କୁ ଭେଟି ଆଗାମୀ ମେ ୧୪ ତାରିଖରେ ଭୁବନେଶ୍ୱରରେ ସମାପନ ହେବ । ଏଥିରେ ସରକାର ଓ ପ୍ରଶାସନର ଅଗଣତାନ୍ତ୍ରୀକ ଓ ଅସାମ୍ବିଧାନକ ମୁଖା ଖୋଲିବା ସହିତ ଚାଷୀର ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ ଓ ଜମି, ଜଳ, ଜଙ୍ଗଲ ଓ ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ୨୧ଟି ଦାବୀଗୁଡ଼ିକୁ ନେଇ ଲୋକଙ୍କ ସ୍ୱାଭିମାନକୁ ଜାଗ୍ରତ ଓ ସଂଗଠିତ କରିବାର ପ୍ରୟାସ ଚାଲୁ ରଖିବା ପାଇଁ ନବନିର୍ମାଣ କୃଷକ ସଂଗଠନ ସଙ୍କଳ୍ପବଦ୍ଧ । ଏଥିପାଇଁ ଏହି ଯାତ୍ରାରେ ସମସ୍ତ ଚାଷୀ, ମୂଲିଆ, ଯୁବକ, ଛାତ୍ର, ମହିଳା, ଓକିଲ, ସାମ୍ବାଦିକ, ବୁଦ୍ଧିଜୀବୀ ଏବଂ ସମସ୍ତ ଗଣତାନ୍ତ୍ରିକ ସଂଗଠନ ସମେତ ବିରୋଧି ରାଜନୈତିକ ଦଳମାନଙ୍କୁ ଏଥିରେ ସହଯୋଗ କରିବା ପାଇଁ ନିବେଦନ କରୁଛୁ ।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଓୟୁଜେ ସଦସ୍ୟଙ୍କ ସୌଜନ୍ୟ ମୂଳକ ସାକ୍ଷାତ

ବାଲେଶ୍ୱର(ନି.ପ୍ର.)ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ର ସଦସ୍ୟ ମାନେ ଆଜି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖୁଂଟିଆ ବାଲେଶ୍ୱର ଜିଲ୍ଲାର ଭୌଗଳିକ ସ୍ଥିତି, ସ୍ୱାଧୀନତା ସଂଗ୍ରାମ ର ଅବଦାନ, ସାହିତ୍ୟ ,ସଂସ୍କୃତି , ଲୋକକଳା ବିଷୟରେ ଆଲୋଚନା କରିଥଲେ ।ବିଶେଷ କରି ଫକୀର ମୋହନ ସେନାପତିଙ୍କ କାଳଜୟୀ ଲେଖା ତାଙ୍କୁ ବେଶ ଅନୁପ୍ରାଣିତ କରିଛି ବୋଲି ସେ କହିଥିଲେ । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଓ ଜାତୀୟ କାର୍ଯ୍ୟକାରୀଣି ସଦସ୍ୟ ରାମ ନାରାୟଣ ଶତପଥି ଓଡ଼ିଶା ସାମ୍ବାଦିକ ୟୁନିଅନର ବିଭିନ୍ନ ସମୟରେ କରାଯାଉଥିବା କାର୍ଯ୍ୟକ୍ରମ ସଂମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଅବଗତ କରାଇଥିଲେ ।ବାଲେଶ୍ୱର ଜିଲ୍ଲାରେ ସଧାରଣ ଲୋକଙ୍କ ସର୍ବନିମ୍ନ ସମସ୍ୟା ସମାଧାନ ପାଇଁ କାର୍ଯ୍ୟ କରିବା ସହିତ ସାମ୍ବାଦିକ ବନ୍ଧୁ ମାନଙ୍କ ଜିଲ୍ଲା ର ସମସ୍ୟା ଜନିତ ଖବର ପ୍ରତି ଅଧିକ ଧ୍ୟାନ ଦେବେ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ଏହି ସୌଜନ୍ୟ ମୂଳକ ସାକ୍ଷାତ ବେଳେ ଓଡ଼ିଶା ସାମ୍ବାଦିକ ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥି, ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ, କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ କଞ୍ଜମଣି ସ୍ୱାଇଁ, ସଞ୍ଜୟ ମହାଳିକ ,ପ୍ରଦୀପ କୁମାର ବେରା ପ୍ରମୁଖ ଉପସ୍ଥିତ ଥିଲେ ।



# ଛଟେଇ ଓ ଶ୍ରମିକ-ମାରଣ ନୀତି ବିରୋଧରେ ବିଶାଳ ବିକ୍ଷୋଭ

ବାଲେଶ୍ୱର, (ନି.ପ୍ର.) ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ଦିବା ୧୦.୦୦ ଘଟିକା ସମୟରେ, ବାଲେଶ୍ୱର ଇଲେକ୍ଟ୍ରିକାଲ ସର୍କଲର ଝଙ୍କ- କ୍ସରକ୍ସଭଷ୍ୱରଭୟସଭଶ ରଭଶସଭରରକ୍ସଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟିପିଏନଓଡିଏଲ (ଛଚଘଙଡଖ) ର ମନମୁଖୀ ଛଟେଇ ତଥା ଶ୍ରମିକ-ମାରଣ ନୀତି ବିରୋଧରେ ଟିପିଏନଓଡିଏଲ ୱ୍ୱାର୍କର୍ସ / ଏମ୍ପ୍ଲୋଇଜ ୟୁନାଇଟେଡ ଫୋରମ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି ।ପ୍ରାୟ ୯୦୦ ରୁ ୧୦୦୦ ଜଣ କର୍ମଚାରୀଙ୍କ ଉପସ୍ଥିତି ଏହି ଆନ୍ଦୋଳନକୁ ଏକ ଗଣଆନ୍ଦୋଳନର ରୂପ ଦେଇଥିଲା ଏବଂ ଶ୍ରମିକମାନଙ୍କ ମନରେ ସଂଚିତ ଅସନ୍ତୋଷ, କ୍ଷୋଭ ଓ ଅନିଶ୍ଚିତତାକୁ ସ୍ପଷ୍ଟ ଭାବେ ପ୍ରକାଶ କରିଥିଲା ।ଦୀର୍ଘ ବର୍ଷ ଧରି ଏହି ସଂସ୍ଥାରେ ମାତ୍ର ୧୦,୦୦୦ ରୁ ୧୫,୦୦୦ ଟଙ୍କା ଦରମାରେ କାର୍ଯ୍ୟ କରୁଥିବା ଅନେକ କର୍ମଚାରୀଙ୍କ ଛଟେଇ ପ୍ରକ୍ରିୟା ଆରମ୍ଭ ହେବା ଶ୍ରମିକ ମହଲରେ ଗଭୀର ଅସନ୍ତୋଷ ଓ ଆତଙ୍କ ସୃଷ୍ଟି କରିଛି ।ଏହି ଶ୍ରମିକମାନେ ନିଜର ପରିଶ୍ରମ, ନିଷ୍ଠା ଓ ସଂସ୍ଥା ପ୍ରତି ଅଙ୍ଗୀକାର ଦେଇ ବର୍ଷର ପରେ ବର୍ଷ ସେବା କରିଆସିଥିବାବେଳେ, ଆଜି




ସେମାନଙ୍କୁ ଏଭଳି ଅନିଶ୍ଚିତତାରେ ଛାଡ଼ିଦେବା ଅତ୍ୟନ୍ତ ଦୁଃଖଦ, ଅମାନବିକ ଓ ଅନ୍ୟାୟପୂର୍ଣ୍ଣ ବୋଲି ବିକ୍ଷୋଭକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ ।ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ପୂର୍ବରୁ ଏକାଧିକ ଥର ଟାଟା ପାୱାର ମ୍ୟାନେଜମେଂଟ ନିକଟରେ ଅଭିଯୋଗପତ୍ର ଦାଖଲ କରାଯାଇଥିଲେ ମଧ୍ୟ, ଏପର୍ଯ୍ୟନ୍ତ କୌଣସିପ୍ରକାର ଆଲୋଚନା ପାଇଁ ଆହ୍ୱାନ ନ ହେବା ଓ ଶ୍ରମିକଙ୍କ ଦାବି ପ୍ରତି ଅନୁଦାର ମନୋଭାବ ଟିପିଏନଓଡିଏଲର ଶ୍ରମିକ-ମାରଣ ନୀତିକୁ ସ୍ପଷ୍ଟ କରୁଛି ବୋଲି ନେତୃମଣ୍ଡଳୀ ଅଭିଯୋଗ କରିଥିଲେ । ଏହି ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ୮ଟି ଶ୍ରମିକ ସଂଘ ଏକତ୍ରିତ ହୋଇ "ଟିପିଏନଓଡିଏଲ ୱ୍ୱାର୍କର୍ସ / ଏମ୍ପ୍ଲୋଇଜ ୟୁନାଇଟେଡ ଫୋରମ" ଗଠନ କରିଛନ୍ତି । ଫୋରମ ପକ୍ଷରୁ ପୁନର୍ବାର ମ୍ୟାନେଜମେଂଟଙ୍କୁ ଏହି ଛଟେଇ ଆଦେଶ ତତକ୍ଷଣାତ୍ ପ୍ରତ୍ୟାହାର କରିବା ଓ ଛଟେଇ ହୋଇଥିବା ଶ୍ରମିକମାନଙ୍କୁ ପୁନଃନିଯୁକ୍ତିରେ ଅବସ୍ଥାପିତ କରିବାକୁ ଦାବି କରାଯାଇଛି । ଆଜି ବିକ୍ଷୋଭର ଆରମ୍ଭ ଦିନରେ ନେତୃମଣ୍ଡଳୀ ସ୍ପଷ୍ଟ ଚେତାବନୀ ଦେଇ କହିଥିଲେ—"ଯଦି ଆଗାମୀ ଦିନରେ ଶ୍ରମିକ ଛଟେଇକୁ ବନ୍ଦ କରାନଯାଏ କିମ୍ବା ଛଟେଇ ହୋଇଥିବା କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି ଦିଆନଯାଏ, ତେବେ ଯେକୌଣସି ପରିସ୍ଥିତି ପାଇଁ ଟିପିଏନଓଡିଏଲ କର୍ତ୍ତୃପକ୍ଷ ନିଜେ ଦାୟୀ ରହିବେ ।"ସେମାନେ ଆହୁରି ଘୋଷଣା କରିଥିଲେ ଯେ, ଆସନ୍ତାକାଲି ପୁନର୍ବାର ଏହି ସ୍ଥାନରେ ବିକ୍ଷୋଭ କାର୍ଯ୍ୟକ୍ରମ ଜାରି ରହିବ, ଏବଂ ଶ୍ରମିକଙ୍କ ନ୍ୟାୟସଂଗତ ଦାବି ପୂରଣ ନହେବାପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ।ଏହି କାର୍ଯ୍ୟକ୍ରମରେ ଜଗଦୀଶ ଚନ୍ଦ୍ର ବେହେରା, ରବୀନ୍ଦ୍ରନାଥ ବେରା, ତପନ କୁମାର ବେହେରା, ଭରତ ଚନ୍ଦ୍ର ସେଠି, ସନ୍ତୋଷ କୁମାର ପୁହାଣ, ରାମଚନ୍ଦ୍ର ସାସମଲ ଏବଂ ରମାକାନ୍ତ ନାୟକ ,ସଂଜୟ କୁମାର ସୋ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।ହଜାର ହଜାର କର୍ମଚାରୀଙ୍କ ସ୍ୱତଃସ୍ଫୂର୍ତ୍ତ ଉପସ୍ଥିତି ଓ ସଂଗଠିତ ପ୍ରତିବାଦ ସ୍ପଷ୍ଟ କରିଦେଇଛି ଯେ, ଶ୍ରମିକମାନେ ଏବେ ନିଜ ଅଧିକାର ଓ ଅସ୍ତିତ୍ୱର ସୁରକ୍ଷା ପାଇଁ ଏକଜୁଟ ହୋଇଛନ୍ତି ।

# କଳିଙ୍ଗ ସୋସିଆଲ ୱାର୍କସ୍ କମିଟି ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ




କଟକ(ନିପ୍ର): ମିଶନ ରୋଡ଼ସ୍ଥିତ ନ୍ୟୁ ଷ୍ଟୁଆର୍ଟ ସ୍କୁଲ୍ ନିକଟସ୍ଥ କଳିଙ୍ଗ ସୋସିଆଲ୍ ୱାର୍କସ୍ କମିଟି, ସୂତାହାଟ, କଟକ ଦ୍ୱାରା ଏକ ପାନୀୟ ଜଳକେନ୍ଦ୍ର ଆୟୋଜନ କରାଯାଇଛି । ଉକ୍ତ କମିଟିର ସଭାପତି ଜନାବ୍ ୱାସିମୁଲ୍ ହକ୍‌ଙ୍କ ନେତୃତରେ ପରିଚାଳନା ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ୱାକବ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ସୟଦ୍ ଏକ୍ରାମ ହୁସେନ ଜଳ ଛତ୍ର କାର୍ଯ୍ୟକ୍ରମଟିକୁ ଉଦ୍ଘାଟନ କରିଥିଲେ । ଉକ୍ତ କମିଟିର ମୁରବି ଜନାବ୍ ଶେକ୍ କଲାମ, ମହମ୍ମଦ ହବିବ ଙ୍କ ସହିତ ବରିଷ୍ଠ ସଦସ୍ୟ ବିଷ୍ଣୁ ମୋହନ ଦାସ ଓ ଶ୍ରୀମତୀ ସୁଦୀପ୍ତ ରାଣୀ ବେଉରା ଉପସ୍ଥିତି ଥିବାବେଳେ କମିଟିର ସମ୍ପାଦକ ମହମ୍ମଦ ନିଆଜ ଅହମ୍ମଦ ଓ କୋଷାଧ୍ୟକ୍ଷ ୟୁନେଡ ଖାନ୍ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ସର୍ବଶେଷରେ ମହମ୍ମଦ ଇମ୍ରାନ କମିଟିର ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ‘ସୁକନ୍ୟା’ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପାଳିତ

ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକର ଅନ୍ୟତମ ମହିଳା ସାହିତ୍ୟ ଅନୁଷ୍ଠାନ ‘ସୁକନ୍ୟା’ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ସୋମବାର ବାଲିଆପାଳ ଜାମକୁଣ୍ଡା ଛକ ସ୍ଥିତ ‘ବିଶ୍ୱାସ’ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୁକନ୍ୟା ସାହିତ୍ୟ ସଂସଦର ସଭାପତି ତଥା ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ସ୍ନେହଲତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉଦଘାଟକ ଭାବେ କବି ବ୍ରଜେନ୍ଦ୍ର ନାଥ ଗିରି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଶିଶୁ ଗାଳ୍ପିକ କବି କାଳିକୀଙ୍କର ଦାସ ଯୋଗଦେଇ ବାଲିଆପାଳର କବୟିତ୍ରୀ ମାନଙ୍କୁ ସାଧୁବାଦ ଜଣାଇ ଏପରି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି, କବି ଅଞ୍ଜଳି ଶତପଥୀ, ଅଧ୍ୟାପକ ନିରଞ୍ଜନ ବେହେରା, ଭାରତୀ ବେହେରା,



ଅନିତା ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କବି ସଚିନ୍ଦ୍ର ନନ୍ଦି, କବି ସନ୍ୟାସୀ ବେହେରା, ନାଟ୍ୟକାର ତଥା କବି ରବିନ୍ଦ୍ର ଦତ, ଭୀମ ଚରଣ ବେହେରା, ସବିତା ଦାସ, ନଳିନିକାନ୍ତ ପାଢ଼ୀ, ଅର୍ପିତା ଦାସ, ସୁଜାତା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଚଳିତ ମେଟ୍ରିକ ପରୀକ୍ଷାରେ ବାଲିଆପାଳ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ତିନି ଜଣ ସୁକନ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ଡାଙ୍ଗରପଦା ହାଇସ୍କୁଲର ଛାତ୍ରୀ ସାଇପ୍ରଭା ନନ୍ଦୀ ଏବଂ ବାଲିଆପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କ୍ରିଷ୍ଣା ଶୁଭଲକ୍ଷ୍ମୀ ଆଚାର୍ଯ୍ୟ ଓ ପ୍ରସିଧା ଗିରିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । କବୟିତ୍ରୀ ସୌଭାଗିନୀ ମିଶ୍ର, ସାମ୍ବାଦିକ ବ୍ରଜ ମିଶ୍ର ଓ ସାମ୍ବାଦିକ ଅଜୟ କୁମାର ସାହୁ ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରିୟଙ୍କା ସାହୁଙ୍କ ନୃତ୍ୟ ଏବଂ ଅର୍ପିତା ଦାସଙ୍କ ଗୀତକୁ ସମସ୍ତେ ବେଶ ଉପଭୋଗ କରିଥିଲେ ।ସୁକନ୍ୟା ସାହିତ୍ୟ ସଂସଦର ଉପଦେଷ୍ଟା ବ୍ୟଙ୍ଗ କବି ତଥା ଶିକ୍ଷକ ଅର୍ଦ୍ଧେନ୍ଦୁ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ଗାଶଙ୍କର ଦେ, ଶ୍ରୀକାନ୍ତ ଗିରି ସହଯୋଗ କରିଥିଲେ ।

# ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

କଟକ(ନିପ୍ର): ନିଆଳି ବିଧାୟକ ଛବି ମଲ୍ଲିକ ବିଧିବଦ୍ଧ ଭାବେ କଟକ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲ୍ଲା ଯୋଜନା କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିବା ଅବସରେ ସେ କହିଛନ୍ତି । ଏହା କେବଳ ଏକ ପଦବୀ ନୁହେଁ ବରଂ ଏହା ଏକ ଗୁରୁଦାୟିତ୍ୱ ଏବଂ କଟକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଏକ ସଂକଳ୍ପ ଓ ସେବାର ସୁଯୋଗ । ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ଧନ୍ୟବାଦ ଦେଇଥିଲେ ଏବଂ ଏହି ବିଶ୍ୱାସକୁ ସେ ପୂରଣ କରି ଦେଖାଇବେ ବୋଲି



କହିଥିଲେ । ଆଗାମୀ ଏକ ମାସ ମଧ୍ୟରେ ଜିଲ୍ଲାର ବିଭିନ୍ନ ବିଭାଗର ସମୀକ୍ଷା କରି ବିଭିନ୍ନ ଉନ୍ନୟନମୂଳକ କାମ କେଉଁଠାରେ ଅଟକି ରହିଛି ତାର ତର୍ଜମା କରି ଅଗ୍ରଗତି ଦିଗରେ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି । ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ପ୍ରଶାସନ ଓ ଜନ ପ୍ରତିନିଧି ଏକାଠି କାମ କରିବା ସହ ପ୍ରଶାସନିକ ଅଧିକାରୀ ମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି କଟକର ବିକାଶ ଦିଗରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଗାଁରୁ ସହର ପର୍ଯ୍ୟନ୍ତ ସବୁ ଅଂଚଳର ସମାନ ଉନ୍ନତି, ଯୁବଶକ୍ତିଙ୍କୁ ସୁଯୋଗ, କୃଷକ ଓ ଶ୍ରମିକଙ୍କ ସଶକ୍ତିକରଣ, ମହିଳାମାନଙ୍କ ଅଗ୍ରଗତି, ସମସ୍ତଙ୍କ ନିମନ୍ତେ ମୌଳିକ ସୁବିଧା ସୁନିଶ୍ଚିତ କରିବା, ସଡ଼କ, ଜଳ ଓ ବିଦ୍ୟୁତ ଭଳି ପ୍ରାଥମିକ ସୁବିଧା ଲୋକଙ୍କ ଦ୍ୱାରଦେଶରେ ପହଂଚାଇବା ପାଇଁ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ବିଧାୟକ କଟକ ସଦର ପ୍ରକାଶ ଚନ୍ଦ୍ର ସେଠୀ ଉଦବୋଧନ ଦେଇ ଜିଲ୍ଲାର ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଓ ଜିଲ୍ଲାର ସମସ୍ୟାର ସମାଧାନ ପାଇଁ ସବୁ ସମୟରେ ସେ ସହଯୋଗ କରିବେ ବୋଲି କହିଥିଲେ । ଜିଲ୍ଲାପାଳ ଦତାତ୍ରୟ ଭଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକର ପ୍ରତିଷ୍ଠା ଦିବସ ପାଳିତ

ବାରିପଦା(ନିପ୍ର): ସ୍ଥାନୀୟ ରୋଟାରୀ କ୍ଲବ, ବାରିପଦା ପରିସରରେ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ, ବାରିପଦା ଶାଖାର ପ୍ରତିଷ୍ଠା ଦିବସ ଓ ୧୭ ତମ ରାଷ୍ଟ୍ରୀୟ ମାନବାଧିକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଓ ଏହି ସମ୍ମିଳନୀରେ ‘ମାନବିକ ଅଧିକାର ଓ ତାର ସୁରକ୍ଷା, ପ୍ରାଣୀ ଅଧିକାର ଓ ତାର ସୁରକ୍ଷା ଏବଂ ପରିବେଶ ଓ ତାର ସୁରକ୍ଷା’ ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା ଓ ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ମାନବ ଅଧିକାରର ସୁରକ୍ଷା ଓ ସାଧାରଣ ଜନତାଙ୍କ ସାମ୍ବିଧାନିକ ଅଧିକାର ବିଷୟରେ ଆଲୋକପାତ କରିବା ସହ ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରତ୍ୟେକ ନାଗରିକ ନିଜ ଅଧିକାର ଓ କର୍ତ୍ତବ୍ୟ ଉପରେ ସଚେତନ ହେବା ଜରୁରୀ ବୋଲି ପ୍ରକାଶ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋ. ମହେନ୍ଦ୍ର କୁମାର ମହାନ୍ତି, ବାରିପଦା ପୌର ପରିଷଦର ଉପାଧ୍ୟକ୍ଷା ସୀମା ଦାସ ପ୍ରମୁଖ ଯୋଗଦେଇ ମାନବାଧିକାର କ୍ଲିନିକର ଏହି ପ୍ରାୟସକୁ ପ୍ରଶଂସା କରିବା ସହ ସାଧାରଣ ଲୋକଙ୍କୁ ଆଇନଗତ ସହାୟତା ଯୋଗାଇ ଦେବାରେ ଏହା ଏକ ମାଇଲଖୁଂଟ ସାବ୍ୟସ୍ତ ହେବବୋଲି ମତ ଦେଇଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସି ଏଚ ଆର ସି ଅଧ୍ୟକ୍ଷ ଡଃ ଗୋପବନ୍ଧୁ ମଲ୍ଲିକ ଓ ଉପଦେଷ୍ଟା ନିରଞ୍ଜନ ବାରିକ, ଡଃ ବଂଶୀଧର ମଲ୍ଲିକ,ଏ ଆଇ ଏଫ ଏଫ ଟି ସି, ପାଟନା ଏବଂ ରଶ୍ମି ରାଉଳ ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ରଖିଥିଲେ । ସି ଏଚ ଆର ସି ର କାର୍ଯ୍ୟକାରୀ ସଚିବ ତଥା ବାରିପଦା ଶାଖାର ମୁଖ୍ୟ ସ୍ୱରୂପ କୁମାର ବସାଙ୍କ ଅଧ୍ୟକ୍ଷତାରେ ଏହି ସଭା ପରିଚାଳିତ ହୋଇଥିଲା ଓ ବାରିପଦା ଶାଖା ପାଇଁ ଡଃ ବିଜୟ କୁମାର ଅଗ୍ରୱାଲ, ଡଃ ଦେବବ୍ରତ ସ୍ୱାଇଁ, ଡଃ ଶ୍ୟାମସୁନ୍ଦର ଦାସ ଓ ସଞ୍ଜୟ ଚୌଧୁରୀଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇ ଥିଲା । ଆଶିଷ ବସା, ସୋମନାଥ ସିଂହ, ସାଇ ପ୍ରକାଶ ମହାନ୍ତି, ଅନିଲ ବେହେରା, ଗୋକୁଳ ଚନ୍ଦ୍ର ଦାସ, ବିବେକାନନ୍ଦ ପାତ୍ର, ଅଶ୍ୱନୀ ଦାସ, ମୂର୍ଚ୍ଛନା ପଟ୍ଟନାୟକ, କନିକା ବୋଷ, ସୁଧାମୟୀ ଦାସ, ଦିଲ୍ଲୀପ ଦାସବର୍ମା, ବାପି ମିଶ୍ର, ଦେବାଶିଷ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା ।


## NOTICE OF MINOR

By virtue of an affidavit sworn before Notary Public Govt. of India, Malkangiri, Odisha dated 08.05.2026, I, Deba Raba, aged about 61 years, S/o- Late Baja Raba permanent resident of Vill/ Po- Badili, PS- Kalimela, Dist- Malkangiri, Pin-764086 declared that I have changed my minor daughter's name from Jathi Raba to Jyoti Raba. Henceforth, she shall be known as Jyoti Raba for all purposes.

**Deba Raba**

## NOTICE OF MINOR

By virtue of an affidavit sworn before Notary Public Govt. of India, Malkangiri, Odisha dated 08.05.2026, I, Gangadhar Batala, aged about 41 years, S/o- Jaysingh Batala permanent resident of Vill.- Batiaguda, Po- Birlaxmanpur, PS- Malkangiri, Dist- Malkangiri, Pin- 764044 declared that I have changed my minor son's name from Laxman Batla to Lakhan Batala. Henceforth, he shall be known as Lakhan Batala for all purposes.

**Gangadhar Batala**

## SRI AUROBINDO INTEGRAL EDUCATION CENTRE

At- Pandua, PO/Via- Oupada, Dist- Balasore - 756049

ନଂ. ୧୭୯ **ନାମଲେଖା ଚାଲୁଅଛି** ତା-୧୧.୦୫.୨୦୨୬

ଆସନ୍ତା ଶିକ୍ଷା ବର୍ଷ ୨୦୨୬-୨୭ ପାଇଁ ଉକ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପଣ୍ଡୁଆ, ଔପଦାରେ ନର୍ସରୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି । ଉକ୍ତ ଅନୁଷ୍ଠାନର ଯେଉଁମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ ସେମାନେ ଯଦି ଆଦିବାସୀ, ହରିଜନ, ଆର୍ଥିକ ଦୁର୍ବଳ ଶ୍ରେଣୀର କିମ୍ବା ବିକଳାଙ୍ଗ ହୋଇଥିବେ ସରକାରଙ୍କର RTE ନିୟମ ଅନୁସାରେ ସମୁଦାୟ ପଞ୍ଜିକୃତ ପିଲାମାନଙ୍କ ମଧ୍ୟରୁ ୨୫% ପିଲାଙ୍କୁ ମାଗଲାରେ ଶିକ୍ଷାଦାନ ଦିଆଯାଇପାରିବ ।

ସ୍ୱା/-
**ମହେନ୍ଦ୍ର ପ୍ରସାଦ ନାୟକ**
**ସେକ୍ରେଟାରୀ**

## AFFIDAVIT

By virtue of an affidavit sworn before Executive Magistrate, Balasore dated 11.05.2026 I, Kalpanarani Mohapatra, aged about 47 years, D/o- Anukul Chandra Mohapatra presently W/o- Binod Kumar Patra of At- Niliabag, Po- Srikanthapur, PS- Town, Dist- Balasore - 756001, Odisha declare that after my marriage to Binod Kumar Patra Aadhar Card bearing No. 5775 2029 7245 Pan Card and voter I. Card my name has been mentioned as Kalpana Patra. But all my educational records my name was Kalpanarani Mohapatra, D/o- Anukul Chandra Mohapatra, Kalpanarani Mohapatra and Kalpana Patra is one and same person.

Sd/-
**Kalpanarani Mohapatra**

## AFFIDAVIT

By virtue of an affidavit sworn before Executive Magistrate, Soro, Balasore dated 07.05.2026, I, Ishwar Mohanty, aged 40 years, S/o- Rabindra Mohanty of Vill/Po- Sabira, PS- Soro, Dist- Balasore declare that my Aadhar Card bearing No. 4713 4162 6522 correct speling of my name is Ishwar Mohanty. But my son Om lokesh Kumar Mohanty's birth register of C.H.C. Soro vide Regd. No. 4510, dt. 16.12.2013 father's name has been mentioned as Iswar Mohanty. Ishwar Mohanty and Iswar Mohanty is one and same person. I swear this affidavit to produce the authority to prove my correct name as Ishwar Mohanty in every manner and correct the above name in the Birth Register mentioning the name as Iswar Mohanty Alias Ishwar Mohanty and issue the Digital Barcode Birth Certificate.

Sd/-
**Ishwar Mohanty**

No. 13001/443/2627

## ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର

*Office of the*
**Jaleswar Municipality, Jaleswar**
Dist.: Balasore, Odisha - 756032
Ph: (06782) 222407 * Email-jaleswarmunicipality@gmail.com

*No. 1918* *Date 06.05.2026*

### E-procurement Notice

*BID Identification No. JM_01_2026_27*

Bid Documents consisting of work, Estimated Cost. Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. https:/tendersodisha.gov.in/nicgep/app

| | | | |
|---|---|---|---|
| 1. | Name of the Work | : | Civil Const, works as mentioned in DTCN |
| 2. | No. of works | : | 38 |
| 3. | Estimated Cost | : | As per Work List |
| 4. | Period of Completion | : | As per DTCN |
| 5. | Date and Time of Bidding | : | 08.05.2026 to 19.05.2026 |
| 6. | Last date and time for receipt | : | 19.05.2026 up to 5.30pm |
| 7. | Bids received online shall be opened on | : | 20-05-2026 from 11.00 AM onwards |
| 8. | Name and address of the Officer Inviting Bid | : | Executive Officer, Jaleswar Municipality |

Further details can be seen from the e-procurement portal i.e. https:/tendersodisha.gov.in/nicgep/app.

Sd/-
**Executive Officer**
**Jaleswar Municipality**

OIPR. 13001/13126/1/26-27/0001

No. 13001/438/2627

## OFFICE OF THE SORO MUNICIPALITY, SORO, BALASORE

**Letter no. 1866** **Date. 06.05.2026**

**E-Procurement Notice**
**Bid identification No-SOROM_02_2026-27**
**Notice Inviting to Detailed Tender Call Notice**

Name of the work:- Privatisation of Sweeping of roads, cleaning of drain & Bush uprooting in both sides of roads and lifting of Municipal Solid Waste separately Wet & Dry Waste including other waste to the identified Micro Composting Centre(MCC)/ Material Recovery Facility (MRF)/Landfill site/Disposal Centers located at different places from W.No-01 to W.No 19 within the Soro Municipality area"

| | | |
|---|---|---|
| Cost of DTCN | : | The Tender paper cost of Rs. 20,000/- |
| EMD | : | 1% of the total yearly estimated cost. |
| Period of contract | : | 1 year (from 01.06.2026 to 31.05.2027) |
| Start Date of Sale/download of DTCN | : | 10:00 AM on dt.07.05.2026 |
| Date of pre bid meeting | : | 11:30 A.M on dt 11.05.2026( In the Office Chamber of the Executive Officer, Soro Municipality) |
| Last Date of Receipt of Tender | : | Upto 05:00 P.M on dt. 18.05.2026 |
| Date of Opening of Technical Bid | : | 10:00 AM on dt. 19.05.2026 |
| Date of Opening of Financial Bid | : | Date will be intimated through balasore.odisha.gov.in https://www.tendersodisha.gov.in and notice board after finalization of technical bid. |

Further Details can be seen/ downloading from e-procurement portal i.e.

- **https://www.tendersodisha.gov.in**
- **balasore.odisha.gov.in**

Sd/-
**Executive Offer**
**Soro Municipality**

OIPR. 13001/13166/1/26-27/0002





ଦୀପ ଜାଳିବା ପରେ ଦିଆସିଲି କାଠି ଅଲୋଡ଼ା ହୋଇଯାଏ, ଠିକ୍ ସେହିପରି କାମ ସରିଲେ ସ୍ୱାର୍ଥବାଦୀ ଲୋକ ଅନ୍ୟର ସହାୟତାକୁ ଭୁଲିଯାନ୍ତି ।

# ଆଜିକାଲି



*ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ*
*ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବ ଏବ ହି*
*(ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ : ଏଣୁ କରି ନିଜ ନିଜ ନିର୍ଦ୍ଦିଷ୍ଟ ବ୍ୟୁହ ଦ୍ୱାରରେ ଦୃଢ଼ରୂପେ ରହି ଆପଣମାନେ ସମସ୍ତେ ଭୀଷ୍ମ ପିତାମହଙ୍କୁ ହିଁ ସକଳ ଦିଗରୁ ରକ୍ଷା କରନ୍ତୁ ।

## ସଚେତନତା ଆବଶ୍ୟକ

ଜାତୀୟ ରାଜପଥ ହେଉ କିମ୍ବା ଜନବସତି ରାସ୍ତା ଓ ଗଳି ମାନଙ୍କରେ ଯେଉଁଭଳି ଭାବେ ରାସ୍ତା ଦୁର୍ଘଟଣା ଘଟୁଛି ତାହା ଚିନ୍ତାର ବିଷୟ । କାରଣ ଚାଳକ ମାନେ ଏପରି ଭାବେ ଗାଡ଼ି ଚାଳନା କରୁଛନ୍ତି ଯେ ତାହା ଧନଜୀବନ ପାଇଁ ଏପରି ବିପତି ଆଣି ଦେଉଛି ତାହାହିଁ ଦୁଃଖର ବିଷୟ । ଗାଡ଼ିଚାଳକ ମାନେ ଗାଡ଼ି ଚାଳନା କଲା ବେଳେ କୌଣସି ଦିଗକୁ ଦୃଷ୍ଟି ଦେଉ ନାହାଁନ୍ତି । ଅତର୍କିତ ଭାବେ ଦ୍ରୁତଗତିରେ ଗାଡ଼ି ଚାଳନା କରିବା ଯୋଗୁଁ କେତେ ଯେ ଧନଜୀବନ ହାନୀ ହେଉଛି ସେ କଥାକୁ ନଜର ନାହିଁ । ଏହାଛଡ଼ା ଅନ୍ୟ ଏକ କାରଣ ହେଉଛି ଗାଡ଼ି ଚାଳନା ବେଳେ କାନରେ ମୋବାଇଲ ଧରି ଅନ୍ୟମନସ୍କ ଭାବେ ଗାଡ଼ି ଚଳାଇବା ଆଉ ଏକ ବିପଦର କାରଣ । ଜନବସତି ରାସ୍ତା ଗଳି ମାନଙ୍କରେ ସବୁ ଦିଗକୁ ଦୃଷ୍ଟିରେ ରଖି ଯେପରି ଗାଡି ଚଳାଇବା କଥା ସେହିପରି ଗାଡି ନ ଚଳାଇ କିମ୍ବା ରାସ୍ତାରେ ଯାଉଥିବା ପଥିକ ମାନଙ୍କ ପ୍ରତି ଦୃଷ୍ଟି ନ ଦେଇ ଆଗକୁ ଦ୍ରୁତଗତିରେ ଗାଡ଼ି ଚଳାଇ ନେବା ଯୋଗୁଁ ଧକ୍କା ଲାଗିବା ଏବଂ କେଉଁଠି କେଉଁଠି ମୃତାହତ ହେଉଥିବା ନଜରକୁ ଆସିଥାଏ । ଜୀବନହାନୀ ହେବା ଯୋଗୁଁ ତାଙ୍କର ପରିବାର ଲୋକେ କେତେ ଯେ କଷ୍ଟ ଭୋଗିଥାଆନ୍ତି ସେଥିପ୍ରତି କଅଣ ଚାଳକ ମାନେ ଦୃଷ୍ଟି ଦିଅନ୍ତି କି ? ରାଜରାସ୍ତା ମାନଙ୍କରେ ଟ୍ରାଫିକ ଥିଲେ ମଧ ତାହାକୁ ଅଧିକାଂଶ ଚାଳକ ମାନେ ଅଣଦେଖା କରି ଦ୍ରୁତଗତିରେ ଗାଡ଼ି ଚଳାଇବା ଏବଂ କେଉଁଠି କେଉଁଠି ଧକ୍କା ଦେବା, ନିଜେ ମଧ ପଡ଼ିଯାଇ ଆହତ ହେଉଥିବା ସ୍ଥଳେ କେବେ କେବେ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳେ । ସରକାର ଏଥିପ୍ରତି ଦୃଷ୍ଟି ଦେଇ ସଚେତନ ପାଇଁ ଯେତେ ନିୟମ କଲେ ମଧ ଚାଳକ ମାନେ ସେଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ଯଦ୍ୱାରା କି ନିଜ ସହ ଅନ୍ୟମାନେ ମୃତାହତ ହୋଇଥାଆନ୍ତି । ଚାଳକ ମାନଙ୍କ ପାଇଁ ମଧ ସବୁକିଛି ଦଫା ଥାଇ ବି କୌଣସି କାର୍ଯ୍ୟ ଫଳବତୀ ହୋଇପାରୁ ନାହିଁ । ଆମେ ଯେତେ ମାଠିବୁ ମାଠ୍... ନୀତିରେ ନିଜକୁ ସାମିଲ କରି ନେଇଛୁ । କିଏ ମରନ୍ତୁ ବା ବଂଚନ୍ତୁ ସେଥିପ୍ରତି ଆମର କୌଣସି ଯାଏ ଆସେ ନାହିଁ ବୋଲି କିଛି ଯୁବଗୋଷ୍ଠୀ ଏହାକୁ କହୁଛନ୍ତି । ଦିନ ୧୦ଟା ବେଳେ ରାସ୍ତାରେ ଯିବାକୁ ଭୟ ଲାଗୁଛି । କାରଣ ସ୍କୁଲ, କଲେଜ ଛାତ୍ରଛାତ୍ରୀ ମାନଙ୍କ ସହ ସରକାରୀ ଓ ବେସରକାରୀ ଚାକିରିଆ, ଏବଂ ଦୁଇ ଚକିଆ, ତିନି ଚକିଆ, ଚାରି ଚକିଆ ଠାରୁ ଆରମ୍ଭ କରି ୨୦ ଚକିଆ ଗାଡ଼ି ଯାଉଥିବା ବେଳେ ଏପରି ଭାବେ ଗାଡ଼ି ଚାଳନା ହେଉଥାଏ ଯେ, ଦେଖିଲେ ମଧ ଡର ଲାଗେ । ଛୋଟଛୋଟ ପିଲାମାନେ ସ୍କୁଲକୁ ଯିବା ଏବଂ ଫେରିବା ସମୟରେ ମଧ କେତେକାଂଶରେ ଦୁର୍ଘଟଣାର ଶୀକାର ହୋଇଥାଆନ୍ତି । ଚାଳକ ମାନଙ୍କ ମଧ୍ୟରେ ଗୋଟିଏ ମତ ଶୁଣିବାକୁ ମିଳେ ଆମର ସମୟ ବିଳମ୍ବ ହେଉଛି ତେଣୁ ଆମେ ଯଥାଶୀଘ୍ର ପହଂଚିବା ପାଇଁ ଦ୍ରୁତ ଗତିରେ ଗାଡ଼ିଚଳାଇବା ନିହାତି ଆବଶ୍ୟକ । ଏହା କଅଣ ଯୁକ୍ତିଯୁକ୍ତ କି ? କେବଳ ସହର ନୁହେଁ ଗ୍ରାମାଂଚଳ ମାନଙ୍କରେ ମଧ ରାସ୍ତା ଦୁର୍ଘଟଣା ନିତିଦିନିଆ ଘଟୁଛି । ମଦ ପିଇ ଗାଡ଼ି ଚଳାଇବା ଯୋଗୁଁ ରାସ୍ତା ଦୁର୍ଘଟଣା ଘଟିବା ଏବଂ ଘଟାଇବା ପ୍ରତିଦିନ ଘଟିଚାଲିଛି । ଲୋକେ ସଚେତନ ହୋଇ ମଧ କାହିଁକି ଏଭଳି ମାନସିକତାରେ ବଶବର୍ତୀ ହେଉଛନ୍ତି ତାହା ଜାଣଇହେଉ ନାହିଁ । ସବୁକିଛିକୁ ଦୃଷ୍ଟିରେ ରଖି କିପରି ଧନଜୀବନ ରକ୍ଷା ହେବ ଏବଂ ନିଜେ ସୁସ୍ଥ ହୋଇ ବଂଚିବା ସେଥିପ୍ରତି ଦୃଷ୍ଟି ଦେଲେଯାଇ ଗାଡ଼ି ଦୁର୍ଘଟଣା ରୋକାଯାଇ ପାରିବ । ଦୁର୍ଘଟଣା ରୋକିବା ପାଇଁ ସଚେତନତା ରାଲି ହେବା ସହ ଯେତେ ସ୍ଲୋଗାନ ଦେଲେ ମଧ କୌଣସିର ମୂଲ୍ୟ ନାହିଁ । କେବଳ ନିଜେ ନିଜକୁ ଚିହ୍ନିବା ଏବଂ ବୁଝିଲେ ଯାଇ ଦୁର୍ଘଟଣାକୁ ରୋକାଯାଇ ପାରିବ । ନଚେତ୍ ଦୁର୍ଘଟଣା ଯୋଗୁଁ କେତେ ଯେ ଜନକ୍ଷୟ ହେବ ତାହାର ହିସାବ ରଖିବାକୁ କେହି ବି ନ ଥିବେ ।

## ବିଷ୍ଣୁପ୍ରିୟା : ଓଡ଼ିଶାର 'ନାଇଟେଙ୍ଗଲ୍'

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସମାଜକୁ ନର୍ସଙ୍କ ଅବଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱରେ ପ୍ରତି ବର୍ଷ ମେ ୧୨ ତାରିଖ ପାଳନ କରାଯାଏ ଅନ୍ତର୍ଜାତୀୟ ନର୍ସ ଦିବସ । ୧୯୬୫ ମସିହାରୁ ଇଂଟରନ୍ୟାସନାଲ କାଉନ୍‌ସିଲ ଅଫ୍ ନର୍ସେସ ଏହି ଦିବସ ପାଳନ କରିଆସୁଛି । ଆମେରିକୀୟ ସ୍ୱାସ୍ଥ୍ୟ, ଶିକ୍ଷା ଓ କଲ୍ୟାଣ ବିଭାଗର ଅଧିକାରୀ ଡୋରୋଥି ସଦରଲ୍ୟାଣ୍ଡ ୧୯୫୩ ମସିହାରେ ନର୍ସ ଦିବସ ପାଳନ ପାଇଁ ରାଷ୍ଟ୍ରପତିଙ୍କୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ସ୍ୱୀକୃତି ମିଳିନଥିଲା । ୧୯୭୪ ମସିହା ମେ ୧୨ ତାରିଖ ଫ୍ଲୋରେନ୍ସ ନାଇଟ୍‌ଇନଜେଲ ଙ୍କ ଜନ୍ମ ଜୟନ୍ତୀକୁ ନର୍ସ ଦିବସ ପାଳନ ନିମନ୍ତେ ଘୋଷଣା କରାଗଲା । ତାଙ୍କୁ ଆଧୁନିକ ନର୍ସିଂର ପ୍ରତିଷ୍ଠାତା କୁହାଯାଏ । ପ୍ରତିବର୍ଷ ଇଂଟରନ୍ୟାସନାଲ କାଉନ୍‌ସିଲ ଅଫ୍ ନର୍ସେସ ଏହି ଦିବସର କିଟ୍ ପ୍ରସ୍ତୁତ କରି ବାଂଟିଥାଏ । ଏହି କିଟ୍‌ରେ ନର୍ସଙ୍କ ଦ୍ୱାରା ବ୍ୟବହୃତ ଶୈକ୍ଷିକ ଓ ଜନସାଧାରଣ ସୂଚନା ସମ୍ପର୍କିତ ବସ୍ତୁ ଥାଏ । ୧୯୪୭ ମସିହା ଦ୍ୱିତୀୟାର୍ଦ୍ଧ । ସ୍ୱାଧୀନତାର ସ୍ୱାଦକୁ ଦେଶବାସୀ ଠିକ୍ ଭାବେ ଅନୁଭବ କରି ପାରି ନଥାନ୍ତି । ସେତିକି ବେଳେ, ରକ୍ଷଣଶୀଳ ଓଡ଼ିଆ ସମାଜରେ ଜଣେ ୨୧ ବର୍ଷିୟା ଝିଅ ସୁଦୂର ଦିଲ୍ଲୀ ଯାଇ ନର୍ସିଂ ଭଳି ପେସାର ତାଲିମ୍ ନେବା କିଛି କମ୍ କଥା ନଥିଲା । ଏହି ଝିଅ ଜଣକ ଅନ୍ୟ କେହି ନଥିଲେ - ସେ ଥିଲେ ଓଡ଼ିଶା ନର୍ସିଂ ସମାଜର କୁଳବୃଦ୍ଧା ବିଷ୍ଣୁପ୍ରିୟା ମହାନ୍ତି । ବିଷ୍ଣୁପ୍ରିୟାଙ୍କ ପଦକ୍ଷେପକୁ ସେତେବେଳେ କେବଳ ଯେ ସମାଲୋଚନା କରାଯାଇଥିଲା, ତା ନୁହେଁ; ପରିବାରକୁ ମଧ ଅନେକ ପ୍ରକାର କୁତ୍ସାରଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ହେଲେ ସମଗ୍ର ସମାଜର ଉନ୍ନତି ପାଇଁ ସଂକଳ୍ପ ବଦ୍ଧ ହୋଇଥିବା ବିଷ୍ଣୁପ୍ରିୟା ଏ ସବୁକୁ ଆଡ଼େଇ ଦେଇ ଆଗେଇ ଯାଇଥିଲେ; ଆଉ ରଖି ଯାଇଥିଲେ ସବୁ କ୍ଷେତ୍ରରେ ପ୍ରଥମ ହେବାର ଅନନ୍ୟ ଉଦାହରଣ । ପ୍ରଥମ ଓଡ଼ିଆ ନର୍ସିଂ ଛାତ୍ରୀ, ପ୍ରଥମ ମାଟ୍ରନ୍, ପ୍ରଥମ ଚିଫ୍ ମାଟ୍ରନ୍, ପ୍ରଥମ ପ୍ରିନ୍‌ସପାଲ ଟ୍ୟୁଟର, କଲେଜ୍ ଅଫ୍ ନର୍ସିଂର ପ୍ରଥମ ଅଧ୍ୟକ୍ଷା ଓ ଏମିତି ଅନେକ ପ୍ରଥମ । କୁହାଯାଏ ପ୍ରଥମ ହେବାଟା ଯେତିକି କଷ୍ଟ, ପ୍ରଥମ ସ୍ଥାନକୁ ବଜାୟ ରଖିବା ତା ଠାରୁ ଢ଼େର୍ ଅଧିକ କଷ୍ଟ । ହେଲେ, ବିଷ୍ଣୁପ୍ରିୟା କେବଳ ଯେ ପ୍ରଥମ ହୋଇଥିଲେ ତା ନୁହେଁ, ଶେଷ ପର୍ଯ୍ୟନ୍ତ ନିଜର ପ୍ରଥମ ସ୍ଥାନକୁ ବଜାୟ ରଖିଥିଲେ । ଦିଲ୍ଲୀର ରାଜ କୁମାରୀ ଅମ୍ରିତା କୌର କଲେଜ୍ ଅଫ୍ ନର୍ସିଂ (ଦିଲ୍ଲୀ କଲେଜ ଅଫ୍ ନର୍ସିଂ ଭାବେ ପରିଚିତ)ରୁ ବିଏସ୍‌ସି ନର୍ସିଂ ଓ ପରେ ଏମ୍.ଏସ୍‌ସି ନର୍ସିଂ ଶିକ୍ଷା ଗ୍ରହଣ କରିଥିଲେ । ଶିକ୍ଷା ଶେଷ ହେବା ପୂର୍ବରୁ ବିଷ୍ଣୁପ୍ରିୟାଙ୍କୁ ସୁଯୋଗ ମିଳିଥିଲା ଦିଲ୍ଲୀର କେତେକ ପ୍ରତିଷ୍ଠିତ ଚିକିତ୍ସାଳୟରେ ଯୋଗଦେବାକୁ । ଅନ୍ୟ କେହି ହୋଇଥିଲେ ବ୍ୟକ୍ତିଗତ ପ୍ରତିଷ୍ଠା ସମ୍ପନ୍ନତା ପାଇଁ ଏହାକୁ କେବେ ହାତଛଡ଼ା କରିନଥାନ୍ତା । ହେଲେ ନିଜ ରାଜ୍ୟର ଅସହାୟ ରୋଗୀମାନଙ୍କ ସେବା କରିବାକୁ ଯିଏ ସଂକଳ୍ପବଦ୍ଧତାକୁ ଏ ସବୁ ଲୋଭ ଅଟକାଇପାରିଥାଆନ୍ତା ବା କେମିତି ? ଶିକ୍ଷା ସମାପ୍ତିରେ ବିଷ୍ଣୁପ୍ରିୟା ବାଛି ନେଇଥିଲେ ଓଡ଼ିଶାକୁ ନିଜର କର୍ମଭୂମି (ବରଂ ସେବା ଭୂମି କହିଲେ ଅଧିକ ଉପଯୁକ୍ତ ହେବ) ଭାବେ । ଏସ୍‌ସିବିରୁ ପ୍ରଥମ ଓଡ଼ିଆ ନର୍ସ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ଓଡ଼ିଆ ଝିଅମାନଙ୍କୁ ଅଧିକରୁ ଅଧିକ ଏହି ପେସାପ୍ରତି ଆକୃଷ୍ଟ କରାଇବାର ଉଦ୍ୟମ ଆରମ୍ଭ କରି ଦେଇ ଥିଲେ । ପଦୋନ୍ନତି ଓ ନିଷ୍ପତି ନେବାର କ୍ଷମତା ମିଳିବା କ୍ଷଣି ଓଡ଼ିଆ ଝିଅମାନଙ୍କୁ ବାଙ୍ଗାଲୋର, ଭେଲୋର, ଦିଲ୍ଲୀ ଓ ମାଡ୍ରାସ୍‌ର ଚିକିତ୍ସାଳୟକୁ ପାଠଇ ଉନ୍ନତ ସ୍ତରରେ ନର୍ସିଂ ତାଲିମ ଦିଆଇବାରେ ମଧ ସେ କେବେ କୌଣସି ସୁଯୋଗ ହାତଛଡ଼ା କରିନଥିଲେ । ସେଇଥିପାଇଁ 'ବଡ଼ ଦିଦି' ବୋଲି ସମ୍ବୋଧନ କରୁଥିଲେ ବି ଅଧିକାଂଶ ସେବିକା ତାଙ୍କୁ ନିଜ ମା' ଭଳି ଦେଖୁଥିଲେ । ସେ ମଧା ମାତୃବତ୍ ସ୍ନେହ ଦେବାରେ କେବେ କାର୍ପଣ୍ୟତା ଦେଖାଇ ନଥିଲେ । ଚାକିରି କାଳରେ ନର୍ସିଂ ସେବାକୁ ଅଧିକ ଲୋକାଭିମୁଖୀ କରାଇବା ସହ ନର୍ସିଂ କଲେଜ ପ୍ରତିଷ୍ଠା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଧ୍ୱଜା ତଳେ ନିଆ ଯାଇଥିଲା । ଚାକିରିର ଶେଷ ସମୟରେ ବହୁଉଚ୍ଚ ପଦସ୍ଥ ଅଧିକାରୀ ଚାକିରିକାଳକୁ ବଢ଼ାଇବା ପାଇଁ ସରକାରଙ୍କ ଦ୍ୱାରସ୍ଥ ହେଉଥିବା ବେଳେ ବିଷ୍ଣୁପ୍ରିୟାଙ୍କ କ୍ଷେତ୍ରରେ ଠିକ୍ ତାର ଓଲଟା ଘଟିଥିଲା । ସରକାରଙ୍କ ପକ୍ଷରୁ ତାଙ୍କୁ ନିବେଦନ କରାଯାଇ ଥିଲା ଆଉ ଦୁଇ ବର୍ଷ ଅଧିକ ସେବା କରିବାକୁ । କହିବା ଅନାବଶ୍ୟକ ହିମାଳୟ ପରି ତାଙ୍କର ପ୍ରଚଣ୍ଡ ପ୍ରତିଭା ଓ ନର୍ସିଂ ସେବା ପ୍ରତି ତାଙ୍କର ସମର୍ପଣ ଭାବ ଯୋଗୁଁ ସରକାରଙ୍କ ପକ୍ଷରୁ ନିୟମର ଏଭଳି ପରିବ□ନ କରା ଯାଇଥିଲା । ଅବସର ନେବା ପରେ ମଧ ବିଷ୍ଣୁପ୍ରିୟା ଚୁପ୍ ହୋଇ ବସିନଥିଲେ । ନିଜ ଉଦ୍ୟମରେ 'ଲିଟିଲ୍ ବାର୍ଡ୍' ନାମକ ସ୍କୁଲ ଖୋଲିବା ସହ ଶେଷ ସମୟ ପର୍ଯ୍ୟନ୍ତ 'ଉପେନ୍ଦ୍ର ଟ୍ରଷ୍ଟ କଲେଜ୍ ଅଫ୍ ନର୍ସିଂ'ର ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରୁଥିଲେ । ବିଷ୍ଣୁପ୍ରିୟାଙ୍କ ସମାଜ ସେବାର କାହାଣୀ ବଖାଣି ବସିଲେ ସମୟ ଓ କାଗଜ କମ୍ ପଡ଼ିଯିବ । ଓଡ଼ିଶା ନର୍ସିଂ ସେବାର ଏହି କୁଳବୃଦ୍ଧାଙ୍କାର ପରଲୋକ ହୋଇଥିଲେ ବି ନର୍ସିଂ ସେବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଓଡ଼ିଶାର ସେବିକା ସମାଜ ପାଇଁ ସେ ସର୍ବଦା ଆଦର୍ଶ ଓ ପ୍ରେରଣାର ମାର୍ଗଦର୍ଶିକା ହୋଇ ରହିବେ ।

**ବିଶ୍ୱ ସେବିକା ଦିବସ**
**ୱାର୍ଲ୍ଡ ନାଇଟେଙ୍ଗଲ ଡେ' ପାଇଁ**

*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ : ୯୪୩୭୦୫୧୯୫୭*

### ମହାପ୍ରୟାଣ ଦିବସ

## ଶରତ ପୂଜାରୀ

◆ ନାଟ୍ୟସାରଥି ଅଭୟ କୁମାର ଦାସ



କେବଳ ଓଡ଼ିଆ ଚଳଚ୍ଚିତ୍ର ନୁହେଁ ସର୍ବଭାରତୀୟ ଆଂଚଳିକ ଭାଷାଭାଷୀ ଚଳଚ୍ଚିତ୍ରରେ ନିଜ ଅଭିନୟ ପାରଦର୍ଶିତା ଓ ସଫଳ ନିର୍ଦ୍ଦେଶନାମାକୁ ନେଇ ଯେଉଁ କତିପୟ ଓଡ଼ିଆ, ଓଡ଼ିଆ ସିନେ ଜଗତକୁ ସର୍ବଭାରତୀୟସ୍ତରରେ ଲୋକପ୍ରିୟତାକୁ ଶୀର୍ଷକୁ ପହଂଚାଇବାରେ ସଫଳ ହୋଇଥିଲେ ତାଙ୍କ ଭିତରୁ ଶରତ ପୂଜାରୀ ଅନ୍ୟତମ । ସେ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା ଚଳଚ୍ଚିତ୍ରରୁ ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ । ରାଷ୍ଟ୍ରପତି ପୁରସ୍କାର ପାଇଥିବା ତାଙ୍କ ଶ୍ରେଷ୍ଠ ଅଭିନୟର ଯାଦୁ ସେ ଦେଖାଇଥିଲେ 'ଜୀବନସାଥୀ, ସାଧନା, ମାଟିର ମଣିଷ, ଅରୁନ୍ଧତୀ ପ୍ରଭୃତି' ଅନେକ ହୁଏତ ଜାଣିନଥିବେ ତାଙ୍କ ଅଭିନୀତ କିଏ କାହାର ସିନେମା କଟକର ବିଭିନ୍ନ ପ୍ରେକ୍ଷାଳୟରେ କ୍ରମାନ୍ୱୟରେ ୧୦୦ଦିନ ଚାଲି ରେକର୍ଡ଼ ସୃଷ୍ଟି କରିଥିଲା । ତାଙ୍କ ନିର୍ଦ୍ଦେଶିତ ତଅପୋଇ, ଅଶାନ୍ତ ଗ୍ରହ ଓ ଅସ୍ତରାଗ କଥାଚିତ୍ର ଦର୍ଶକଙ୍କୁ ପ୍ରଭାବିତ କରିଥିଲା । ତାଙ୍କ ଅଭିନୀତ ଶେଷ କଥାଚିତ୍ର ଥିଲା ପୂଜା ପାଇଁ ଫୁଲଟିଏ ଯାହାକି ୨୦୦୭ରେ ମୁକ୍ତିଲାଭ କରିଥିଲା ଓ ଏହା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏହା ବେଶ ସଫଳତା ପାଇଥିଲା । କା, ଭୂଖା, ଦୃଷ୍ଟି, ଅରଣ୍ୟ ରୋଦନ, ଆରଣ୍ୟକ, ଶେଷଦୃଷ୍ଟି, ସତମିଛ ପ୍ରଭୃତି ପ୍ରାୟ ୫୦ରୁ ଅଧିକ କଥାଚିତ୍ରରେ ଅଭିନୟ କରିଥିବା ଶରତ ପୂଜାରୀ ୭୫ରୁ ଅଧିକ ନାଟକରେ ନିର୍ଦ୍ଦେଶନା ଦେଇଥିଲେ । ସାହିତ୍ୟ, କଳା ଓ ସିନେ ଜଗତକୁ ନିଜର ଅବଦାନ ପାଇଁ ଅନେକ ପୁରସ୍କାର ଓ ସମ୍ମାନର ସେ ଅଧିକାରୀ ହୋଇଛନ୍ତି । ଏହି ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ୧୯୮୫ରେ ଜୟଦେବ ପୁରସ୍କାର, ୨୦୦୭ରେ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ, ୨୦୧୦ରେ କାଦମ୍ବିନୀ ସମ୍ମାନ, ୨୦୧୧ରେ ହେମନ୍ତ ଦାସ କଳା ସମ୍ମାନ, ୨୦୧୨ରେ ସିନେ ଆର୍ଟିଷ୍ଟ ଆସୋସିଏସନ ପୁରସ୍କାର ପ୍ରଭୃତି । ୧୯୩୪ ମସିହାରେ ଜନ୍ମ ଗ୍ରହଣ କରିଥିବା ନୟାଗଡ଼ର ଏହି ଅଭିନୟର ହୀରା ପିଲାବେଳୁ ଜଣେ ମେଧାବୀ ଛାତ୍ର ଥିଲେ, ବାଲ୍ୟଶିକ୍ଷା ପରେ ସେ ଅର୍ଥନୀତିରେ ସ୍ନାତକ ଶିକ୍ଷା ପାଇଥିଲେ । ୧୯୫୬ରେ ଚିତ୍ରାଙ୍କନରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଡିପ୍ଲୋମା କରିଥିଲେ । ୧୯୫୯ରେ ସେ କର୍ମମୟ ଜୀବନ ଭାବରେ ଅର୍ଥନୀତିର ଅଧାପକ ଭାବେ ବରଗଡ଼ ପଂଚାୟତ କଲେଜରେ ଯୋଗ ଦେଇଥିଲେ । ମାତ୍ର ପରବର୍ତୀ ସମୟରେ ସେ ଏହି ଚାକିରୀ ପରିତ୍ୟାଗ କରି ୧୯୬୬ରେ ତାପଙ୍ଗ ଲାଇଟ୍ ଫାଉଣ୍ଡରୀରେ କିଛି ବର୍ଷ କାର୍ଯ୍ୟ କରିଥିଲେ । ତେବେ ଅଧାପନା ନିଶା ତାଙ୍କ ଭିତରୁ ତୁଟି ନଥିଲା । ଏହାପରେ ଲରମ୍ବା କଲେଜରେ ଅଧକ ହେବାର ସୌଭାଗ୍ୟ ତାଙ୍କୁ ମିଳିଥିଲା । ସେ ୧୯୯୨-୧୯୯୪ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱ ସେ ବହନ କରିଥିଲେ ଓ ତାଙ୍କ ସମୟରେ ଅନେକ ଉଲ୍ଲେଖନୀୟ ପ୍ରଗତି ଏହି ଅନୁଷ୍ଠାନ ହାସଲ କରିଥିଲା । ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି ପଦରେ ଥିଲେ । ଜୀବନବ୍ୟାପୀ ସାହିତ୍ୟ, କଳା ସାଧନାରେ ବ୍ରତୀ ଶରତ ପୂଜାରୀଙ୍କର ୨୦୧୪ ମସିହା ମେ ୧୨ ତାରିଖ ଦିନ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ଅମ୍ଲାନ ଆତ୍ମା ପ୍ରତି ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

*ଗୋତରା, ମାହାଙ୍ଗା, କଟକ,*
*: ୯୪୩୭୧୪୨୭୧୭*

## ନିଷ୍କପଟ ମଣିଷ ହିଁ ସୁଖୀ

◆ ବିପିନ ବିହାରୀ ରାଉତ

ପ୍ରତ୍ୟେକ ବ୍ୟକ୍ତିର ହୃଦୟ ସରଳ ନିଷ୍କପଟ ହେବା ଉଚିତ । ସରଳ ହୃଦୟ ପାଇଁ ଆବଶ୍ୟକ ବିନମ୍ରତା । ଏହା ହିଁ ହେଉଛି ସୁଖୀ ଜୀବନର ମୂଳ ମନ୍ତ୍ର । ଆଜି ଅନେକ ଲୋକ ବିଶ୍ୱାସ କରୁଛନ୍ତି ଯେ ଉନ୍ନତି ପାଇଁ ବ୍ୟକ୍ତିକୁ କୁଟିଳ ଓ ଚତୁର ହେବା ଆବଶ୍ୟକ । ଏପରି ବ୍ୟକ୍ତି ଜୀବନରେ କେବଳ କ୍ଷଣସ୍ଥାୟୀ ସୁଖ ହାସଲ କରିବାରେ ସଫଳ ହୋଇପାରନ୍ତି । କିନ୍ତୁ କେବେ ହେଲେ ଆତ୍ମ ସନ୍ତୋଷ ଲାଭ କରିପାରନ୍ତି ନାହିଁ । ସେହିଭଳି ସବୁବେଳେ କପଟ କରୁଥିବା ବ୍ୟକ୍ତିର ଇଛାଶକ୍ତି, କଳ୍ପନା ଶକ୍ତି ଓ ସୃଜନଶୀଳତା ତଥା ଏକାଗ୍ରତା ଦୁର୍ବଳ ହୋଇଯାଏ । ଏହା ବ୍ୟକ୍ତିର ମନୋବଳକୁ ବହୁ ପରିମାଣରେ କମାଇ ଦେଇଥାଏ । ଏପରି ବ୍ୟକ୍ତିର ଚରିତ୍ର ଓ ବ୍ୟକ୍ତିତ୍ୱରେ ପବିତ୍ରତା ରୁହେ ନାହିଁ । ଆଧାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ କପଟ କରୁଥିବା ବ୍ୟକ୍ତି ନିଜର ପ୍ରକୃତ ସ୍ୱଭାବଠାରୁ ଦୂରେଇ ଯାଏ । ତେଣୁ ବ୍ୟକ୍ତିକୁ ନିଷ୍କପଟ ହେବା ଉଚିତ । ନିଷ୍କପଟ ହେବାପାଇଁ ସବୁଠାରୁ ବଡ଼ ଉପାୟ ହେଉଛି ଅହଂକାରକୁ ତ୍ୟାଗ କରିବା । ନିଷ୍କପଟ ବ୍ୟକ୍ତି ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇପାରେ । ଆଉ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିପାରୁଥିବା ବ୍ୟକ୍ତି ଜୀବନରେ ଦୁଃଖର ଅବକାଶ ନଥାଏ । କେବଳ ସେତିକି ନୁହେଁ ନିଷ୍କପଟ ବ୍ୟକ୍ତିର ଆଧାତ୍ମିକ ଚେତନାକୁ ଦୃଢ଼ ହେବା ସହ ବ୍ୟକ୍ତି ସତ୍‌ମାର୍ଗରେ ପରିଚାଳିତ ହୋଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଷ୍କପଟ ଭାବରେ ନିଜର କର୍ମ କରିବା ଉଚିତ । ଏହାଦ୍ୱାରା ସବୁପ୍ରକାର ଘାତ ପ୍ରତିଘାତକୁ ପଛରେ ପକାଇ ବ୍ୟକ୍ତି ସଫଳତାର ପାହାଚ ଅତିକ୍ରମ କରିପାରେ ।

*ଶ୍ରୀବିହାର କଲୋନୀ,*
*କଟକ:*
*୯୪୩୭୬୬୬୪୫୩*



◆ ଅକ୍ଷୟ କୁମାର ରାଉତ

## କରୁଣା ଓ କଲ୍ୟାଣ ଗଙ୍ଗାର ନାଉରୀ - ଲୋକନାଥ ଚୌଧୁରୀ

ସମୟର ବିଚିତ୍ର ଖେଳ । ବିଚିତ୍ର ଏ ବିଶ୍ୱ । ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏ ସୁନ୍ଦର ପୃଥିବି । ବିଶ୍ୱ ନିଅନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କିଟ ପତଙ୍ଗ କାଳର କରାଳ ଗତିରେ ବିଲୀନ । ପ୍ରକୃତିର ଅପୂର୍ବ ସୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହ ମଣ୍ଡଳ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣୀ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଇଶ୍ୱରଙ୍କ ପ୍ରଥମ ସୋପାନର ଆମ ମନୁଷ୍ୟ ସମାଜ । ମନୁଷ୍ୟର ଆକୃତି ଓ ପ୍ରକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ । ମାପକାଠି ମଧ୍ୟରେ ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟା ମୋହ ସଂସାରରେ କିଏ ଛାଡି ଯାଏ ପାଦ ଚିହ୍ନ, କାହାର ପାଦ ଚିହ୍ନ ଶୀଳାରେ ତ' କାହାର ପାଦ ଚିହ୍ନ ବାଲୁକା ଓ ପାଣିରେ । ଯିଏ ସମାଜ, ରାଷ୍ଟ୍ର, ଦେଶ, ଜଗତ ପାଇଁ କାମକରେ ତା'ର ପାଦ ଚିହ୍ନ ରହି ଯାଏ ଶୀଳାରେ, ସେ ଅମର ହୋଇଯାଏ ସମାଜ ପାଇଁ ।

ଯେତେବେଳେ ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ । ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ, ସମାଜ ସେବି, ପ୍ରାବନ୍ଧିକ, ବାମପନ୍ଥୀ ରାଜନେତା ୧୯୨୫ ମସିହା ମେ ମାସ ୧୯ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ତାଳଦଣ୍ଡା ଗ୍ରାମରେ ପିତା କୈଳାସ (କେଳୁ) ଚନ୍ଦ୍ର ଚୌଧୁରୀ, ମାତା ଚଂଚଳା ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ ଶ୍ରୀଯୁକ୍ତ ଲୋକନାଥ ଚୌଧୁରୀ । ପିଲାବେଳୁ ସେ ସାହାସୀ ଓ ଧର୍ଯ୍ୟର ପ୍ରତିକ ଥିଲେ । ସେ କେବେ ଭାଙ୍ଗିପଡି ନଥିଲେ ଦୁଃଖ ଓ ଯାତନାରେ । ତାଙ୍କ ବୋଉ ପୁରୀ ଲୋକନାଥଙ୍କ ପାଖରେ ସଂକଳ୍ପ କରିଥିବାରୁ ତାଙ୍କ ନାମ ଲୋକନାଥ ରଖା ଗଲା । ତାଙ୍କ ଜନ୍ମପରେ ତିନୋଟି ଭାଇ, ଗୋପିନାଥ, ଶ୍ରୀନାଥ, ସୋମନାଥ ଏବଂ ଦୁଇ ଭଉଣୀ ଶାବିତ୍ରୀ ଓ ଭାନୁମତୀ ଜନ୍ମ ଗ୍ରହଣ କରିଥିଲେ । ୫ ବର୍ଷ ବୟସରେ ଏଲ୍.ପି. ସ୍କୁଲ ତାଳଦଣ୍ଡାରେ ତାଙ୍କ ନାମ ଲେଖା ହେଲା । କିନ୍ତୁ ସେ ଘରେ ରହି ପାଠ ପଢୁଥିଲେ । ତା' ପରେ ସେ କୁଜଙ୍ଗ ବିଦ୍ୟାଳୟରେ ୪ ର୍ଥ ଶ୍ରେଣୀ ରେ ପାଠ ପଢିଲେ । ସେ ଭଲ ପାଠ ନ ପଢିବାରୁ ତାଙ୍କ ପିତା କାଦୁଆପଡା ଗାଦିବ୍ରହ୍ମ ବିଦ୍ୟାଳରେ ୫ମ ଶ୍ରେଣୀରେ ନମ ଲେଖାଇଲେ । ଲୋକନାଥ ବାବୁ ତାଙ୍କ ପିଉସା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଜଗବନ୍ଧୁ ସାମନ୍ତରାୟଙ୍କ ଘରେ ରହି ପାଠ ପଢିଲେ । ୧୯୩୯ ମସିହାରେ ସେ ରେଭେନ୍‌ସା କଲଜିଏଟ ସ୍କୁଲ୍ କେନ୍ଦ୍ରରେ ପରିକ୍ଷା ଦେଇ ମାଇନର ପାସ୍ କଲେ । କୁଜଙ୍ଗ ସ୍କୁଲର ୮ମ ଶ୍ରେଣୀ ରେ ନାମ ଲେଖାଇ ପାଠ ପଢିଲେ । ମାଟ୍ରିକ୍ ସେକେଣ୍ଡ





ଡିଭିଜନରେ ପାସ କରି ରେଭେନ୍ସା କଲେଜରେ ପ୍ରଥମ ବର୍ଷ କଳାରେ ନାମ ଲେଖାଇଲେ । ୧୯୪୬ ମସିହାରେ ଆ.ଏ. ପରିକ୍ଷାରେ ଫେଲ୍ ହୋଇ ରେଭେନ୍ସାରୁ ସାର୍ଟିଫିକେଟ୍ ନେଇ ଖ୍ରୀଷ୍ଟ କଲେଜରେ ପାଠ ପଢିଲେ । ତା'ପରେ ଆ.ଏ. ପାସ କରି ରେଭେନ୍ସା କଲେଜରେ ବି.ଏ. ଇତିହାସ ଅନର୍ସ ପାଠ ପଢିଲେ । ଏଠାରେ ପାଠ ପଢିବା ସମୟରେ ସେ ମହାପାତ୍ର ନିଳମଣି ସାହୁ, ଜାନକୀବଲ୍ଲଭ ପଟ୍ଟନାୟକ, ଉମା ଚରଣ ମହାପାତ୍ର, ରାଧା ମୋହନ ଗଡନାୟକଙ୍କ ସହିତ ମିଶି ସାହିତ୍ୟ ଆଲୋଚନା କରୁଥିଲେ । ସେହି ସମୟରେ ତାଙ୍କର ଲିଖିତ "କାଳି ଦାସ" ପ୍ରକାଶିତ ହୋଇଥିଲା । ପାର୍ଟି କନ୍‌ଭେନସନ କାର୍ଯ୍ୟରେ ବ୍ୟସ୍ତ ରହି ବି.ଏ. ସପ୍ଲିମେଂଟାରୀ ପରିକ୍ଷା ବିନା ଅନର୍ସରେ ଦେବାକୁ ପଡିଲା । ବାପା ପଠାଉଥିବା ପଇସା ଖର୍ଚ୍ଚ କରିଦେବାରୁ ରାଧା ମୋହନ ଗଡନାୟକଙ୍କ ଠାରୁ ୪୦୦ ଟଙ୍କା ଆଣି ପରିକ୍ଷା ଫିସ୍ ଦେଲେ । ବି.ଏ. ପରିକ୍ଷା ଦେଇ ପାସ୍ କଲେ ।

୧୯୪୭ ମସିହା ଏପ୍ରିଲ ମାସରେ ଲୋକନାଥ ବାବୁଙ୍କର ବିଭାଘର ରଙ୍ଗିଆ ଗଡ ନିବାସୀ ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କର ଝିଅ "ମାଳତୀ" ଙ୍କ ସହିତ ହୋଇଥିଲା । ତାଙ୍କର ଚାରୋଟି ଝିଅ ବିଜୟାଲକ୍ଷ୍ମୀ, ସଂଯୁକ୍ତା, ମଂଜୁରାଣୀ ଓ ସବିତା ।

ସେ ଛାତ୍ର, କୃଷକ, ଶ୍ରମିକ, ଶିକ୍ଷକ, ରେଲ୍ କର୍ମଚାରୀ ଓ ଗଡଜାତ ଆନ୍ଦୋଳନରେ ପାର୍ଟି ତରଫରୁ ଯୋଗ ଦେଇ ବିଭିନ୍ନ ସମୟରେ ଜେଲ୍ ବରଣ କରିଥିଲେ । ପରେ ସେ ସକ୍ରିୟ ରାଜନିତୀରେ ଯୋଗ ଦେଲେ । ପ୍ରଥମ ସଧାରଣ ନିର୍ବାଚନରେ କଂଗ୍ରେସ ଗୌରିଶ୍ୟାମ ନାୟକଙ୍କୁ ପ୍ରାର୍ଥି କରିବାରୁ ବିରବର ସାମନ୍ତ ଓ ରତ୍ନମାଳି ଜେମା ଅସନ୍ତୁଷ୍ଟ ହୋଇ ଲୋକନାଥ ଚୌଧୁରୀଙ୍କୁ କମ୍ୟୁନିଷ୍ଟ ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ପ୍ରଭାବିତ କଲେ ଓ ନିର୍ବାଚନରେ ସଂପୂର୍ଣ୍ଣ ସାହାଯ୍ୟ କଲେ । ଲୋକନାଥ ବାବୁଙ୍କ ପରିବାରରେ ଜଳହଂସ ନାମରେ ଏକ ନୌକା ଥିଲା । ଏହି ନୌକାରେ ରତ୍ନମାଳି ଜେମା, ତାଙ୍କ ସାନଭଉଣୀ ଓ ତିନି ମାଉସୀ ନିର୍ବାଚନ ପ୍ରଚାର କଲେ । ଲୋକନାଥ ବାବୁ ତାଙ୍କର ଗୋଟିଏ ସାଇକେଲ କର୍ମୀ ମାନଙ୍କୁ ଦେଇ ନିଜେ ଚାଲି ଚାଲି ନିର୍ବାଚନ ପ୍ରଚାର କଲେ । ନିର୍ବାଚନ ଫଳ ପ୍ରକାଶ ପାଇଲା । ଶ୍ରୀଯୁକ୍ତ ଗୌରୀଶ୍ୟାମ ନାୟକ ୧୨ହଜାର ଭୋଟ ପାଇ ବିଜୟ ଲାଭ କଲେ । ନରେନ୍ଦ୍ର ନାୟକ ୭ ହଜାର ଭୋଟ ପାଇ ୨ୟ ସ୍ଥାନରେ ରହିଲେ । ଲୋକନାଥ ବାବୁ ୬ ହଜାର ୫୦୦ ଭୋଟ ପାଇ ୩ୟ ସ୍ଥାନରେ ରହିଲେ । ସେହି ଦିନ ଠାରୁ ସେ ଆଉ ପଛକୁ ଅନାଇ ନାହାନ୍ତି । ଖଟି ଖିଆ, ଶ୍ରମିକ ସମାଜର ଉନ୍ନତି ପାଇଁ ବାମପନ୍ଥି ଚିନ୍ତାଧାରାରେ ସମାଜର ଉନ୍ନତି ପାଇଁ ଲାଗିପଡିଛନ୍ତି । ଫଳ ସ୍ୱରୂପ ସେ ଜଣେ ଟାଣୁଆ ରାଜନେତା ହିସାବରେ ଜାତୀୟ ସ୍ତରରେ ନିଜ ନାମର ସାର୍ଥକତା ପ୍ରତି ପାଦନ କରିଛନ୍ତି । ଲୋକନାଥ ବାବୁ ନିର୍ବାଚନ ବୈତରଣୀରେ ୩ଥର (୧୯୫୭, ୧୯୬୧, ୧୯୭୪) ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଦୁଇ ଥର ( ୧୯୮୯, ୧୯୯୧) ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି । ତାଙ୍କର ରଣ ହୁଂକାର ଯୋଗୁ ଶିକ୍ଷକ ମାନଙ୍କର ପ୍ରତ୍ୟକ୍ଷ ଦରମା ଓ ପେନ୍‌ସନ୍ ଏବଂ ଭାଗଚାଷୀ ଆଇନ ପ୍ରଣୟନ କରି ଲୋକଙ୍କର ପ୍ରିୟଭାଜନ ହୋଇ ପାରିଥିଲେ । ସେ ସମାଜର ବିଭିନ୍ନ ସମସ୍ୟା ଉପରେ ସରକାରଙ୍କୁ ଜଣାଉଥିଲେ ଓ ଦାବି ଉପସ୍ଥାପନ କରି ୧୧ ଦିନ, ୨୨ଦିନ ଓ ୪୨ ଦିନ ଅନଶନ କରି ସରକାରଙ୍କୁ ବାଧ୍ୟ କରୁଥିଲେ ସମସ୍ୟା ସମାଧାନ କରିବାକୁ । ପଶ୍ଚିମ ଓଡିଶାର ଦାରୁଣ ଖାଦ୍ୟ ଅଭାବ ଦାରିଦ୍ର୍ୟତା ଦେଖାଇ ଲୋକ ସଭାରେ ଅନଶନ ଧମକ ଦେଇ କେ.ବି.କେ. ଯୋଜନା ପ୍ରଣୟନ କରିଥିଲେ । ସେ ଭାରତୀୟ ପ୍ରତିନିଧି ଦଳର ସଦସ୍ୟ ରୂପେ ଜାତି ସଂଘକୁ ପ୍ରତିନିଧିତ୍ୱ କରିଥିଲେ । ଉପକୂଳ ବର୍ତୀ ଅଂଚଳକୁ ଲୁଣା ପାଣିରୁ ରକ୍ଷା ପାଇଁ ସାଲାଇନ୍ ଡିଭିଜନ ସୃଷ୍ଟି ତାଙ୍କର କୃତିତ୍ୱ । ଜଗତସିଂହପୁର ଲୋକସଭା ମଣ୍ଡଳୀରେ ଯେଉଁମାନେ ସାଂସଦ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଆମ କୁଜଙ୍ଗ ମାଟିର ୩ଜଣ ଯଥା- ଲୋକନାଥ ଚୌଧୁରୀ , ବିଭୁପ୍ରସାଦ ତରାଇ , ଡଃ. କୁଳମଣି ସାମଲ ।

ମହାନ୍ ବିପ୍ଲବି, ବାମପନ୍ଥୀ ଚିନ୍ତା ନାୟକ, ଜାତୀୟ ସ୍ତରର ଜଣେ ରାଜନୈତିକ ନେତା , ଏ ମାଟିର ଗର୍ବ ଓ ଗୌରବଙ୍କର କର୍ମମୟ ଜୀବନର ଅବସାନ ଘଟିଲା । ସେ ଦିନ ଥିଲା ୨୦୦୩ ମସିହା ମେ ମାସ ୧୨ ତାରିଖ । ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ । ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ । ତାଙ୍କ ଅଭାବ ଏ ଅଂଚଳର କୃଷକ, ଖଟିଖିଆ, ଶିକ୍ଷକ, ଶିକ୍ଷିତ ସମାଜ କେବେ ଭୁଲି ପାରିବେ ନାହିଁ । ସେ ସର୍ବଦା ଆମଭିତରେ ବଂଚିରହିବେ ।

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତସିଂହପୁର, ମୋ.ନଂ- ୯୯୩୭୬୯୧୪୭୫*









# ମହିଳାଙ୍କ ପ୍ରେରଣାର ଉତ୍ସ

◆ ଅରବିନ୍ଦ ତ୍ରିପାଠୀ

**ଭାରତୀୟ ସଂସ୍କୃତି ଓ ପରମ୍ପରାମୁଖ୍ୟତଃ ନାରୀମାନଙ୍କୁ ପ୍ରାଧାନ୍ୟ ଦେଇଆସିଛି । ବୈଦିକ ଯୁଗରୁଶ୍ରୁତିବେଦକୁ ମୁଖସ୍ତ କରିଥିବା ମହନୀୟା ମହିଳା ଗାର୍ଗୀ, ମୈତ୍ରେୟୀଙ୍କ କଥା ନିଆଯାଉକିୟା ପୁରାଣ ପୃଷ୍ଠାରୁ ଦୁର୍ଗା, କାଳୀ, ସୀତା, ସତୀ, ସାବିତ୍ରୀ ପ୍ରମୁଖଙ୍କ ଭଳିଶକ୍ତିଶାଳୀ, ମହିୟସୀ ଦେବୀମାନଙ୍କ କଥା ବିଚାରକୁ ନିଆଯାଉ । ନାରୀବିନାଭାରତୀୟ ସଂସ୍କୃତିକୁ ପରିକଳ୍ପନା କରିବା ବାହୁଲ୍ୟମାତ୍ର । ସାମାଜିକ, ଧାର୍ମିକ, ମାର୍ମିକ, ବୈଜ୍ଞାନିକ, ଐତିହାସିକ, ରାଜନୈତିକ ତଥା ଯେ କୌଣସିକ୍ଷେତ୍ର ହେଉନା କାହିଁକି ନାରୀ ସମାଜର ଏକ ନିର୍ଭୟଯୋଗ୍ୟବଳିଷ୍ଠ ଅଙ୍ଗ । ସାମାଜିକକ୍ଷେତ୍ରକୁ ପର୍ଯ୍ୟାଲୋଚନାକଲେ ସମାଜରତଳସ୍ତରରଲୋକମାନେ ବି କହି ପାରିବେ ଯେ, ଆଜିର ନାରୀ ପୁରୁଷଙ୍କତୁଳନାରେକୌଣସିଗୁଣରେ କମ ନୁହଁନ୍ତି ।ବର୍ତମାନ ସମୟରେକିଛିମହିୟସୀମହିଳାଯେଉଁମାନେ କି ଅଦମ୍ୟ, ଦୃଢ଼ଇଚ୍ଛାଶକ୍ତି, ନିଷ୍ଠା ଦ୍ୱାରାସମାଜରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟିକରିପାରିଛନ୍ତି । ସାମାଜିକ, ଆଧାତ୍ମିକ ତଥା ସମାଜର କଲ୍ୟାଣ ନିମନ୍ତେ ନିଜକୁସମର୍ପିତଭାବେସେବା ପ୍ରଦାନ କରିଆସୁଛନ୍ତି । ତନ୍ମଧ୍ୟରୁକିଛିମହିୟସୀବ୍ୟକ୍ତିତ୍ୱଙ୍କସମ୍ପର୍କରେକିଛି .......**

## ପଦ୍ମଶ୍ରୀ ଡ. ତୁଳସୀମୁଣ୍ଡା



ସମାଜସେବାର ଏକ ମୂର୍ତିମନ୍ତ ପ୍ରତୀକଭାବେ ଡ. ତୁଳସୀମୁଣ୍ଡା କହିଲେ ଅତ୍ୟୁକ୍ତି ହେବ ନାହିଁ । କେନ୍ଦୁଝର ଜିଲ୍ଲାସେରେଣ୍ଡା ଗ୍ରାମରେ ୧୯୪୭ ମସିହାଜୁଲାଇ ୧୫ ତାରିଖ ଦିନ ଏହିମହିୟସୀ ମହିଳାଭୂମିଷ୍ଠାହୁଅନ୍ତି । ତୃତୀୟଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ ମଧ ଆଦିବାସୀମାନଙ୍କୁ ସ୍ୱାକ୍ଷରକରାଇବାସହିତ ସାଧାରଣ ଲୋକମାନଙ୍କ ପାଇଁକିଛି କରିବା ପାଇଁବାଲ୍ୟକାଲୁ ଅଂଟା ଭିଡ଼ିଥାନ୍ତି ।ବହୁସଂଗଠନ ସହିତଜଡ଼ିତରହିଉଚିତ ପରାମର୍ଶ ଦେବାସହିତବିଭିନ୍ନ ପ୍ରକାରସାମାଜିକ କାର୍ଯ୍ୟ ଯଥା- ସ୍ୱାକ୍ଷରତା ଅଭିଯାନ, ମହିଳା ଓ ଶିଶୁମାନଙ୍କ ପାଇଁ କାର୍ଯ୍ୟ, ଅନାଥ-ଅସହାୟମାନଙ୍କ ପାଇଁ ତଥା ସମଗ୍ରମାନବଜାତି ପାଇଁ ସମାଜସେବାର ଏକ ଉଜ୍ଜ୍ୱଳ ପ୍ରତିଭା ।ବାଲ୍ୟକାଳରେଭୂଦାନ ଆନ୍ଦୋଳନରେ ଆଚାର୍ଯ୍ୟ ବିନୋଭାଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକରିଆସିଛନ୍ତି । ତାଙ୍କର ସମାଜସେବା କାର୍ଯ୍ୟକୁଲକ୍ଷ୍ୟ କରି ଭାରତ ସରକାର ୨୦୦୧ ମସିହାରେତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ । ଏହାସହିତକାଦମ୍ବିନୀ ସମ୍ମାନ-୨୦୦୮, ଓଡ଼ିଶା ଲିଭିଂଲିଜାଣ୍ଡ୍ ୨୦୧୧, ଲକ୍ଷ୍ମୀପ୍ରତିସିଂହାଣିଆ ସମ୍ମାନ ୨୦୦୯ ପ୍ରମୁଖ ସମ୍ମାନ ଓ ପୁରସ୍କାରତାଙ୍କୁ ଆଣି ଦେଇଛି ଏକ ସ୍ୱତନ୍ତ୍ର ପରିଚୟ । ଏହା ସହିତ ସମଗ୍ରମହିଳା ମାନଙ୍କ ପାଇଁ ଆଜି ସେ ପାଲଟିଛନ୍ତି ଏକ ଆଦର୍ଶ ।

## ଡ. ଶ୍ରୁତିମହାପାତ୍ର



ଅଦମ୍ୟ ଇଚ୍ଛାଶକ୍ତି, ନିଷ୍ଠା, ଏକାଗ୍ରତା, ଅଧବସାୟ ଆଗରେ କୌଣସି ପ୍ରତିବନ୍ଧକ ବିହାର ମାନିଥାଏ । ଏହାର ଅନନ୍ୟ ଉଦାହରଣ ସୃଷ୍ଟି କରି ପାରିଛନ୍ତି ଡ. ଶ୍ରୁତି ମହାପାତ୍ର । ଏକ ଦୁର୍ଘଟଣାର ଶିକାର ହୋଇ ସେ ନିଜରଲକ୍ଷ୍ୟସ୍ଥଳରୁଫେରି ଆସିଥିଲେ ଏବଂ ଜୀବନ ସାରାସାହାରା ପାଲଟିଥିଲାହ୍ୱିଲ୍‌ଚେୟାର୍ । ସଂଗ୍ରାମରତଜୀବନକୁସେସଫଳତାରସହିତ ଅତିବାହିତ କରିଛନ୍ତି । ୧୯୮୭ ମସିହାରେଜଣେ ମେଧାବୀଭାବେ ଭାରତୀୟ ପ୍ରଶାସନିକସେବାର ଗ୍ରୁପ୍-୬ ଆଲାଏଡ୍ ସର୍ଭିସ୍ ପାଇଁଯୋଗ୍ୟତାହାସଲକରିଥିଲେମାତ୍ର ଏକ ଦୁର୍ଘଟଣାତାଙ୍କ ଜୀବନରଗତିପଥ ବଦଳାଇ ଦେଇଥିଲେକିନ୍ତୁସେହାର୍ ମାନିନଥିଲେ । ଗୋଟିଏ ଅଙ୍ଗ ଅଚଳ ହୋଇପଡ଼ିଥିଲେ ମଧ ମନରସାହସ, ଦୃଢ଼ଇଚ୍ଛାଶକ୍ତି ଓ କିଛିକରିପାରିବାର ଆଗ୍ରହ ତାଙ୍କୁ ପହ□ାଇଥିଲାଶୀର୍ଷରେ । ନିଜମାନସପୁତ୍ରସ୍ୱାଭିମାନ ସାମାଜିକସଂଗଠନ ମାଧମରେ ଶିଶୁମାନଙ୍କ ବୌଦ୍ଧିକବିକାଶ ପାଇଁତାଙ୍କ ଉଦ୍ୟମ ପ୍ରଶଂସନୀୟହୋଇପାରିଛି ।ସ୍ନାତକ ଓ ସ୍ନାତକୋତର ପରୀକ୍ଷାରେସ୍ୱର୍ଣ୍ଣ ପଦକ ହାସଲ କରିବା ସହିତ ସେ ହେଉଛନ୍ତି ଦକ୍ଷିଣଏସିଆର ପ୍ରଥମ ମହିଳା ଯେ କିହ୍ୱିଲ୍‌ଚେୟାରମାଧମରେ ପିଏଚ୍‌ଡି ଲାଭ କରିଛନ୍ତି । ଜଣେ ସୁଦକ୍ଷା, ଦିବ୍ୟାଙ୍ଗ, କର୍ତବ୍ୟନିଷ୍ଠ, ସମାଜସେବିକାଭାବରେ ଆଜି ସମଗ୍ରଭାରତବର୍ଷରେ ନିଜର ଏକ ସ୍ୱତନ୍ତ୍ର ପରିଚୟସୃଷ୍ଟିକରିପାରିଛନ୍ତି ।ଏହାଛଡ଼ା ଦୂରଦର୍ଶନରବିଭିନ୍ନସଚେତନତାମୂଳକକାର୍ଯ୍ୟକ୍ରମ, ମହିଳା ଓ ଶିଶୁ, ଦିବ୍ୟାଙ୍ଗମାନଙ୍କ ପାଇଁକର୍ତବ୍ୟକରିବାସହିତସେ ନିଜକୁ ପ୍ରମାଣିତକରିଛନ୍ତି ଯେ କୌଣସି ଗୁଣରେ କମ୍ ନୁହଁନ୍ତି ।

## ସ୍ୱାମିନୀ ସଂଯୁକ୍ତାନନ୍ଦ ସରସ୍ୱତୀ



ତୁଳସୀ ଦୁଇ ପତ୍ରରୁବାସିଲା ପରିସ୍ୱାମିନୀସଂଯୁକ୍ତାନନ୍ଦ ସରସ୍ୱତୀ ପୂର୍ବନାମସନ୍ଧ୍ୟାଙ୍କମେଧାର ପରିଚୟବାଲ୍ୟ ସମୟରୁମିଳିସାରିଥିଲା । ପିତା ନୀତିନିଷ୍ଠମହେଶ୍ୱର ନନ୍ଦ ଓ ମାତା ବସନ୍ତ ମରୀ ନନ୍ଦଙ୍କ ଜ୍ୟୋଷ୍ଠାକନ୍ୟା ଭାବେ ସଂସ୍କୃତିସମ୍ପନ୍ନ ଭଦ୍ରକମାଟିରେ ୧୯୭୩ ମସିହାଜୁଲାଇ ମାସ ୧୪ତାରିଖରେ ଭୂମିଷ୍ଠହୋଇଥିଲେ । ଅର୍ଥନୀତିରେ ସ୍ନାତକନେଇ ସଫଳତାର ସହିତ ଉତୀର୍ଣ୍ଣହେବା ପରେ ଆଧାତ୍ମିକ, ପୁଜ୍ୟପୂଜା ତଥା କଳୁଷିତ ହୋଇଥିବା ସମାଜରେକିଛି ଭଲ ପରିବର୍ତନ ଆଣିବା ସହତାଙ୍କ ମନ ସର୍ବଦା ବ୍ୟାକୁଳ ହେଉଥିଲା । ସଂସାରରମୋହ, ମାୟା ଓ ଗୃହ ପରିତ୍ୟାଗକରିବା ସହ ଭୁବନେଶ୍ୱରସ୍ଥିତ ଚିନ୍ମୟମିଶନରେ ନିଜକୁସାମିଲ କଲେ । ମାତ୍ର ୨୦ ବର୍ଷରେଗୃହତ୍ୟାଗ କରିବାପ୍ରେ ଚିନ୍ମୟମିଶନରେବେଦାନ୍ତ କୋର୍ସରେ ଅଧ୍ୟୟନ କଲେ । ବୋକାରୋ ଚିନ୍ମୟମିଶନରେ ୧୯୯୮ ରେଯୋଗ ଦେବା ପରେସେଠାରେ ଆଧାତ୍ମିକ ଶିକ୍ଷା, ବେଦ, ଉପନିଷେଦ, ଧର୍ମ ଉପରେ ଆଲୋଚନା ତଥା ପୁଜ୍ୟପୂଜାସମ୍ପର୍କରେବିଦ୍ୟାର୍ଥୀମାନଙ୍କୁଶିକ୍ଷାଦାନ ଦେବାସହ ଆଚାର୍ଯ୍ୟା ଭାବେ କାର୍ଯ୍ୟ କଲେ । ୨୦୧୪ ମସିହା ପବିତ୍ରଶିବରାତ୍ରି ଅବସରରେ (୨୭/୦୧/୨୦୧୪) ସେସ୍ୱାମୀନୀ ସଂଯୁକ୍ତାନନ୍ଦ ସରସ୍ୱତୀଭାବେ ପରିଚିତାହେଲେ ।ମାତୃଶକ୍ତିଏବଂମାହେଉଛନ୍ତି ଜୀବନ୍ତ ଦେବତାସ୍ୱରୂପ ବୋଲିମତବ୍ୟକ୍ତକରନ୍ତି । ପ୍ରବଚନ ଦେବାସହକଳୁଷିତ ସମାଜରେ ନିଜନିଜରଶ୍ରେଷ୍ଠତ୍ୱ ଦେବା ପାଇଁଉପଦେଶ ଦିଅନ୍ତି । ଆଜିକାଲିର ସମାଜରେସମସ୍ତ ଯୁବପୀଢ଼ିଙ୍କ ପାଇଁ ଏକ ଆଦର୍ଶ ଉଦାହରଣଭାବେ ନିଜକୁବେଶ ପ୍ରମାଣିତ କରିପାରିଛନ୍ତି ।

*ସମ୍ପାଦକ ଉତ୍କଳବୁଲେଟିନ ତଥା ମୁଖପାତ୍ର, ପୁଜ୍ୟପୂଜାସଂସ୍କୃତିସୁରକ୍ଷା ଅଭିଯାନ, ଭୁବନେଶ୍ୱର,ଦୂରଭାଷ - ୯୯୩୭୬୮୯୬୮୩*

# "ମା" "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"

◆ କାଳୀ ଦାସ



'ମା' ସବୁଠାରୁ ମିଠା ଶବ୍ଦ ଟିଏ । 'ମା' ସବୁଠାରୁ ପ୍ରିୟ ମଣିଷ ଟିଏ କେବଳ ମଣିଷ ନୁହେ ପଶୁ ପକ୍ଷୀ ମଧ ନିଜର ବାତ୍ସଲ୍ୟ ସମୟ 'ମା ' କୋଳରେ ବିତାଇଥାନ୍ତି । 'ମା' ର ସ୍ନେହ ସବୁଠାରୁ ଅଲଗା । ନିଃସ୍ୱାର୍ଥ ପର ଭାବରେ 'ମା ' ନିଜ ସନ୍ତାନ କୁ ଭଲ ପାଇଥାଏ । ନିଜ ସନ୍ତାନ ର ମଙ୍ଗଳ ପାଇଁ ଅନେକ ବ୍ରତ ଉପବାସ ଓ ପୂଜା କରିଥାଏ । ମା ର ଋଣ ଆମେ କେବେ ସୁଝିପାରିବା ନାହିଁ ।ସନ୍ତାନ କୁ କିପରି ଦୁନିଆ ଦାଣ୍ଡ ରେ ମଣିଷ କରି ଠିଆ କରିବ ସେଥିପାଇଁ ମା ପୁରା ଜୀବନ ବାଜି ଲଗେଇଦିଏ । ଆମ ଦେଶ ରେ କେଉଁ ଆଦିମ କାଳରୁ ମାତୃଶକ୍ତି ର ଆରାଧାନା ହୋଇଚାଲିଛି । ଶକ୍ତି ର ପ୍ରତୀକ ହେଲେ ମା ଦୂର୍ଗା । ଜ୍ଞାନ ର ପ୍ରତୀକ ହେଲେ ମା ସରସ୍ୱତୀ । ସୌଭାଗ୍ୟ ର ପ୍ରତୀକ ହେଲେ ମା ଲକ୍ଷ୍ମୀ ।ଏହି ସମସ୍ତଙ୍କ ଆରାଧନା ଆମମାନଙ୍କ ଘରେ ହୋଇଥାଏ । ଇଶ୍ୱର ଙ୍କ ସୃଷ୍ଟି ର ସବୁଠାରୁ ଶ୍ରେଷ୍ଠ ସୃଷ୍ଟି ମା ର ସ୍ନେହ ଓ ମମତା ତା ବିନା ଆମ ଜୀବନ ଶୁଷ୍କ ମନେ ହୁଏ । ଜୀବନ ଯୁଦ୍ଧ ରେ ଆମେ ଯେତେବେଳେ କ୍ଷତାକ୍ତ ହେଉ ସେତେବେଳେ ମା ର କାନିପଣତ ତଳେ ଶାନ୍ତି ପାଇଥାଉ । ଜାତି ଧର୍ମ ଓ ବର୍ଣ୍ଣ ନିର୍ବିଶେଷ ରେ ମା ଏକ ଅଲଗା ଅସ୍ତିତ୍ୱ । ସେହି ଅସ୍ତିତ୍ୱ ସହିତ ବିଶ୍ୱ ର ସମସ୍ତ ସମ୍ପତି ତୁଚ୍ଛ । ଭାରତୀୟ ସଂସ୍କୃତି ରେ ମା ର ସମ୍ମାନ ସବୁଠାରୁ ଉର୍ଦ୍ଧ୍ୱ ରେ । ଭଗବାନ ଶ୍ରୀ କୃଷ୍ଣ ଙ୍କୁ ମଧ ତାଙ୍କର ପାଳିତ ମା 'ଯଶୋଦାଙ୍କ ନାମ ସହିତ ଯୋଡି ଦିଆ ଯାଇ ଥାଏ । ଶ୍ରୀ କୃଷ୍ଣ ଙ୍କୁ ଯୋଶୋଦା ନନ୍ଦନ' କହି ସମ୍ବୋଧନ କରାଯାଇ ଥାଏ ଏବଂ ଜନ୍ମ କରୁଥିବା ମା ଦେବକୀଙ୍କ ନାମ ସହିତ ଯୋଡିଦିଆ ଯାଇ ଦେବକୀ ପୁତ୍ର ବୋଲି ମଧ କୁହା ଯାଇଥାଏ । ସେହିପରି ଅର୍ଜୁନ ଙ୍କୁ ମଧ କୌନ୍ତେୟ କହି ସମ୍ବୋଧନ କରାଯାଇଛି । ମା ସହିତ ତା ସନ୍ତାନ ର ସମ୍ପର୍କ ଅତି ନିବିଡ । କୁହାଯାଏ ଯେ ଗାନ୍ଧୀ ଙ୍କ ମହାନ ବ୍ୟକ୍ତିତ୍ୱ ର ପଛରେ ତାଙ୍କ ମା ପୁତୁଳି ବାଇ ଙ୍କ ପ୍ରେରଣା ରହିଥିଲା । ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିମୂର୍ତି ସହିତ ମଦର ମେରୀଙ୍କ ପ୍ରତିମୂର୍ତି ଦେଖିବା କୁ ମିଳିଥାଏ । ମଦର ମେରୀ ଓ ଯୀଶୁ ଖ୍ରୀଷ୍ଟ ଙ୍କ ପ୍ରତିମୂର୍ତି ମା ଓ ତାର ସନ୍ତାନ ର ନିବିଡତା କୁ ଦର୍ଶାଇ ଥାଏ । ଆମେ ଆମର ଭାଷାକୁ ' ମାତୃଭାଷା ' କହୁଁ ସେହିପରି ଜନ୍ମଭୂମି କୁ ଆମେ ମାତୃଭୂମି କହିଥାଉ । ଜନ୍ମ ଭୂମି ଓ ମାତୃଭାଷା ଉଭୟେ ଆମ ପାଇଁ ଅତିପ୍ରିୟ । ତେଣୁ ଆମ ପାଇଁ ' ମାତୃଦିବସ ' ବା ମଦରର୍ସ ଡ଼େ ନିଶ୍ଚିତ ଭାବରେ ଏକ ସ୍ୱତନ୍ତ୍ର ଦିବସ । ଆମର ସଂଘର୍ଷମୟ ଜୀବନ ଭିତରେ ଆମେ ମା ର ଅବଦାନ କୁ ଭୁଲିଯାଇ ଥାଉ ଯାହା ଆମେ କେବେବି ଭୁଲିବା କଥା ନୁହେଁ ।ଆଜିର ଆମର ସ୍ଥିତି ପଛରେ ମା ର ତ୍ୟାଗ ଓ ବଳିଦାନ ର ପାହାଡ ଠିଆ ହୋଇଛି । ଆମେ ଜୀବନ ରେ କେତେ ସଫଳ ହୋଇଛୁ ବା ବିଫଳ ହେଇଛୁ ତାହା ମୂଲ୍ୟହୀନ କିନ୍ତୁ ଆମ ସମସ୍ତ ଙ୍କ ପଛରେ ମା ର ଆଶୀର୍ବାଦ' ର ହାତ ସବୁବେଳେ ରହିଛି । 'ମଦରର୍ସ ଡ଼େ' ପରି ଗୋଟିଏ ବିଚାର ପ୍ରଥମ ଥର ପାଇଁ ଆମେରିକାର ଅନ୍ନା ଜାରଭିସ ଙ୍କ ମନରେ ଆସିଥିଲା । ଆମେରିକା ରେ ଆନ୍ନା ଜାରଭିସ ଙ୍କ ଦ୍ୱାରା ପ୍ରଥମ ଥର ମଦରର୍ସ ଡ଼େ ପାଳନ କରାଯାଇଥିଲା ।ଆନ୍ନା ଜାରଭିସ ନିଜ ମାଙ୍କର ମୃତ୍ୟୁ ର ତିନି ବର୍ଷ ପରେ ପ୍ରଥମେ ମଦରର୍ସ ଡ଼େ ପାଳନ କରିଥିଲେ । ଏହାଥିଲା ଆନ୍ତର୍ଜାତୀୟ ମଦରର୍ସ ଡ଼େ । ଆନ୍ନା ଜାରଭିସଙ୍କ ମା ଚାହିଁଥିଲେ ଯେ ବିଶ୍ୱର ସମସ୍ତ ମା ଙ୍କ ଅବଦାନ କୁ ମନେ ରଖିବା ପାଇଁ ଗୋଟିଏ ଦିନ ପାଳନ କରାଯାଉ । ଆନ୍ନା ଙ୍କ ମତରେ ଏହା ବ୍ୟକ୍ତିଗତ ହେବାକଥା ।ଯେଉଠି ଜନ୍ମଦାତ୍ରୀ ଓ ତା ସନ୍ତାନ ମାନେ ନିଜ ଭିତରେ ଏହାକୁ ପାଳନ କରିବେ । ସେମାନଙ୍କ ଭିତରେ ଥିବା ନିବିଡ ତା ଅନ୍ୟ କୁ ଦେଖାଇବା ପାଇଁ ନୁହେଁ । ବିଶ୍ୱର ସମସ୍ତ ମହାପୁରୁଷ କୌଣସି ନା କୌଣସି ମା ଠାରୁ ଜନ୍ମ ନେଇଛନ୍ତି । ନିଜର ଆସହାୟ ଶୈଶବ କୁ ମା କୋଳରେ ବିତାଇଛନ୍ତି । 'ମା' ଗୋଟିଏ ଅକ୍ଷର ବିଶ୍ୱର ସମସ୍ତ ସୁଖ ଓ ଶାନ୍ତି କୁ ଧରିରଖିଛି । ଯେଉଁ ମାନଙ୍କର ଶୈଶବ ବିନା ମା ରେ କଟିଛି କେବଳ ସେମାନେ ବୁଝି ପାରିବେ ଯେ ମା ବିନା ଜୀବନ କିପରି ଅସମ୍ପୂର୍ଣ୍ଣ । ଗତ ଦୁଇ ବର୍ଷ କୋରୋନା ତାର କାୟା ବିସ୍ତାର କରିଥିଲା ଯାହା ପାଇଁ ଅନେକ ନିରୀହ ପିଲା ମାନେ ନିଜ ମା ଏବଂ ବାପାଙ୍କୁ ହରେଇଥିଲେ । ସେହି ସମୟ ରେ ଓଡିଶା ସରକାର ଙ୍କ ଦ୍ୱାରା ଗ୍ରୀନ ପ୍ୟାସେଜ ଯୋଜନା ଅଣାଯାଇଥିଲା ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଏହି ଯୋଜନା ରେ ବାପା ମାଙ୍କୁ ହରାଇଥିବା ପିଲା ମାନଙ୍କ ପାଇଁ ସରକାର ରହିବା ଖାଇବା ପଢିବା ର ଦାଇତ୍ୱ ତୁଲେଇଛନ୍ତି । ଦୁଃଖ ର ବିଷୟ ଆଜି ଆମ ସମାଜ ରେ ବୁଢା ବୁଢୀ ବାପା ମାଙ୍କ ଦାଇତ୍ୱ ନେବା ପାଇଁ ପିଲାମାନେ ଚାହୁଁ ନାହାନ୍ତି । ବାପା ମା ନିଜର ଶେଷ ସମୟ ବୃଦ୍ଧାଶ୍ରମ ରେ କାଟିବା କୁ ବାଧ୍ୟ ହେଉଛନ୍ତି । ପରିବାର ରେ କାହା ପାଖରେ ସମୟ ନାହିଁ ବୁଢା ବୁଢିଙ୍କ ସହିତ କିଛି ସମୟ ବିତାଇବା ପାଇଁ । ଆମ ର ସାମାଜିକ ଜୀବନ ରେ ଯେଉଁ ସୁନ୍ଦରତା ଥିଲା ତାହା ଆଉ ରହିଲା ନାହିଁ । ଏହା ନିଶ୍ଚିତ ଭାବ ରେ ଦୁଃଖ ର ବିଷୟ । ବାର୍ଦ୍ଧକ୍ୟ ଜୀବନ ର ଚିରନ୍ତନ ସତ୍ୟ । ଆଜି ଯିଏ ଯୁବକ କାଲି ସିଏ ବୁଢା ହେବ । କାଲି ଯିଏ ଯୁବକ ଥିଲା ଆଜି ସିଏ ବୁଢା ହେଇଛି । ଏହି ମାତୃଦିବସ ରେ ସମସ୍ତ ମାତୃ ସମାଜ କୁ ଯଦି ଆମେ ସମ୍ମାନିତ କରିପାରିବା ତାହେଲେ ନିଜ କୁ ଭାଗ୍ୟବାନ ମନେ କରିବା । ମା ମାନଙ୍କୁ ଆସାହାୟ ହୋଇ ନିଜ ଶେଷ ଜୀବନ କୁ ନିଃସଙ୍ଗ ହୋଇ କଟେଇବା କୁ ପଡିବ ନାହିଁ । କୌଣସି ମା ନିଜକୁ ଅଦରକାରୀ ମନେ ନ କରୁ । ଯେତେବେଳେ ମା ପାଖ ରେ ଶକ୍ତି ଥିଲା ସିଏ ତାର ସମସ୍ତ ଶକ୍ତି ଲଗାଇ ପିଲାମାନଙ୍କୁ ମଣିଷ କରିଛି । ସେଥିପାଇଁ ମାତୃଶକ୍ତି ଆଗରେ ମଣିଷ ସମାଜ ନତମସ୍ତକ ରହିବ ।

*ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର , ଫୋନ ନମ୍ବର - ୭୨୦୫୧୦୦୮୩୯.*

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଟିଟିଲାଗଡ଼ରେ "ମଦର୍ସ ଡେ" ଏବଂ ସାତ ଦିନିଆ "ଡିଭାଇନ ଅୱେରନେସ୍ ସମର କ୍ୟାମ୍ପ"ର ସମାପନ ସମାରୋହ

ବଲାଙ୍ଗିର : ମା' ହେଉଛନ୍ତି ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ଏକ ଅମୂଲ୍ୟ ଉପହାର । ମା' ନଥିଲେ ସଂସାର ନଥାନ୍ତା । ମା'ର ପ୍ରେମ ହିଁ ସତ୍ୟ, ପାଳନା ହିଁ ଶିବମ୍ ଏବଂ ତାଙ୍କର ଶିକ୍ଷା ହିଁ ସୁନ୍ଦରମ୍ । ମା'ର କୋଳ ଛୁଆ ମାନଙ୍କ ପାଇଁ ଏକ ଶୀତଳ ଛତ୍ରଛାୟା ସଦୃଶ । ମା'ର କୋଳକୁ ଆସିଲେ ଛୁଆ ନିଜର ସମସ୍ତ ଦୁଃଖ ଓ କଷ୍ଟ ଭୁଲିଯାଏ । ଉକ୍ତ ବିଚାର ମଦର୍ସ ଡେ ଅବସରରେ ଆୟୋଜିତ "ମା' – ସୁଖୀ ପରିବାରର ଆଧାରଶିଳା" ବିଷୟକ କାର୍ଯ୍ୟକ୍ରମରେ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଅନୁରାଧା ସିଂଘଲ ଜୀ, ଡି.ଏ.ଭି. ଅଟୋନୋମସ୍ କଲେଜ ଟିଟିଲାଗଡ଼ର ସାଇନ୍ସ କେମେଷ୍ଟ୍ରି ଲେକ୍ଚରର, ମନୋରମା ବାରିକ, ହେଡମାଷ୍ଟର ବଡପତ୍ରାପାଲି ପ୍ରାଇମେରୀ ସ୍କୁଲ, ତେରାପନ୍ଥ ଜୈନ ମହିଳା ସମିତିର ଅଧ୍ୟକ୍ଷା ଭାବନା ଜୈନ, ଉପାଧ୍ୟକ୍ଷା ଦୀପିକା ଜୈନ, ବ୍ରହ୍ମାକୁମାରୀ ଟିଟିଲାଗଡ଼ର ସେବା ପ୍ରଭାରୀ ବି.କେ. ଦାମିନୀ ଭଉଣୀ ଏବଂ ବି.କେ. ମନୀଷା ଭଉଣୀ ପରମାତ୍ମା ସ୍ମୃତିରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଛୁଆମାନଙ୍କର ସମର କ୍ୟାମ୍ପର ସମାପନ ସମାରୋହ ମଧ୍ୟ ପାଳନ କରାଯାଇଥିଲା । ଯେଉଁଥିରେ ସମସ୍ତ ବକ୍ତା ନିଜ ନିଜର ବିଶେଷ ଅନୁଭବ ଶେୟାର କରିଥିଲେ । ଏହି ମାନବ ଜୀବନରେ ମା'ର ଏକ ପ୍ରମୁଖ ଭୂମିକା ରହିଛି । ପରମାତ୍ମା ସମସ୍ତ ଜାଗାରେ ନିଜର ଉପସ୍ଥିତି ଦେଇପାରିବେ ନାହିଁ, ସେଥିପାଇଁ ସେ ମା'ର ସୃଷ୍ଟି କରିଛନ୍ତି । ଯାହାଙ୍କ ମୁଣ୍ଡ ଉପରେ ମା'ର ଛତ୍ରଛାୟା ରହେ, ସେ ସଦା ସୁରକ୍ଷିତ ରହେ । ଯାହାଙ୍କ ଜୀବନରେ ନିଜ ମାତାପିତାଙ୍କ ଆଶୀର୍ବାଦ ରହିଛି, ସେହି ଛୁଆ ସଦା ଜୀବନରେ ସଫଳତା ଓ ଉନ୍ନତି ଲାଭ କରିଥାଏ । ସଭାରେ ସମସ୍ତ ଛୁଆ ଏବଂ ତାଙ୍କର ମାତାପିତାଙ୍କ ଉପସ୍ଥିତିରେ ବି.କେ. ମନୀଷା ଭଉଣୀ ସମସ୍ତଙ୍କୁ ସଂସ୍କାର ପରିଚୟ ଦେଇ ସମର କ୍ୟାମ୍ପର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ବି.କେ. ଦାମିନୀ ଭଉଣୀ ମଧ୍ୟ ନିଜ ଉଦବୋଧନରେ କହିଥିଲେ ଯେ, ମା'ର ସମ୍ପର୍କ ହିଁ ସତ୍ୟ ସମ୍ପର୍କ, ଯେଉଁଥିରେ କୌଣସି ମିଶ୍ରଣ କିମ୍ବା ସଜାବଟ ନଥାଏ । ମା'ର ସମ୍ପର୍କ ଏମିତି ଏକ ସମ୍ପର୍କ ଯେଉଁଥିରେ ନିଜ ଛୁଆମାନଙ୍କ ପ୍ରତି ତାଙ୍କ ମୁହଁରେ କେବେ ଥକାବଟ ଦେଖାଯାଏ ନାହିଁ ଏବଂ ମା'ର ମମତାରେ କେବେ ମିଶ୍ରଣ ଦେଖାଯାଏ ନାହିଁ । ବର୍ତମାନ ସମୟରେ ଆମେ ଛୁଆମାନଙ୍କର ବୁଦ୍ଧିମତା ଉପରେ ଧ୍ୟାନ ଦେଉଛୁ ଏବଂ ଏହି ସମୟରେ ତାଙ୍କର ମାନସିକତା ଓ ଚିନ୍ତାଧାରାର ଶକ୍ତି ଧୀରେ ଧୀରେ କମିଯାଉଛି । ଏହାର ମୁଖ୍ୟ କାରଣ ଆଧ୍ୟାତ୍ମିକତାର ଅଭାବ ହେବାର ଦେଖାଯାଉଛି । ଆଜି ଆମକୁ ଜୀବନରେ ବହୁତ କଠିନାଇର ସମ୍ମୁଖୀନ ହେବାକୁ ପଡୁଛି, କାରଣ ଆମର ମନ ଓ ବୁଦ୍ଧି ଯଦି ସଠିକ୍ ଭାବରେ କାର୍ଯ୍ୟ କରେ ଏବଂ ସଠିକ୍ ନିଷ୍ପତି ନିଏ, ତେବେ ଆମେ ଜୀବନରେ ସଦା ଆଗକୁ ବଢ଼ି ପାରିବୁ ଏବଂ ପ୍ରତ୍ୟେକ ପରିସ୍ଥିତିକୁ ସହଜରେ ଅତିକ୍ରମ କରିପାରିବୁ । ଏଥିସହ ସେ ରାଜଯୋଗ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ । ଶେଷରେ କାର୍ଯ୍ୟକ୍ରମର ସମାପନରେ ମଦର୍ସ ଡେ ଅବସରରେ କେକ୍ କଟିଂ କରାଯାଇଥିଲା । ଅତିଥିମାନଙ୍କୁ ଈଶ୍ୱରୀୟ ସୌଗାତ ଏବଂ ପ୍ରଭୁ ପ୍ରସାଦ ଭେଟି ଦିଆଯାଇଥିଲା । ସମର କ୍ୟାମ୍ପରେ ଭାଗ ନେଇଥିବା ସମସ୍ତ ପ୍ରତିଭାଗୀ ଛୁଆମାନଙ୍କୁ ସାର୍ଟିଫିକେଟ୍ ଓ ଉପହାର ପ୍ରଦାନ କରାଯାଇଥିଲା । ସମସ୍ତେ ଏହି କାର୍ଯ୍ୟକ୍ରମର ଅତ୍ୟନ୍ତ ସୁନ୍ଦର ଆନନ୍ଦ ଅନୁଭବ କରିଥିଲେ ।

# ଭଦ୍ରକ ଶ୍ରୀରାମ ନବମୀ ଦେଢ଼ ମାସ ଧରି ପାଳିତ

## ✱ ଅସ୍ତଳରେ ଶହେବର୍ଷରୁ ଉର୍ଦ୍ଧ୍ୱ ଶ୍ରୀରାମ ନବମୀ ମହୋତ୍ସବ ଏକ ନିଆରା ପରମ୍ପରା

ଭଦ୍ରକ: (ହି.ସ.) – ଭଦ୍ରକ ସହର ନରିପୁର ଅସ୍ତଳ ଗ୍ରାମରେ ଥିବା ବହୁ ପୁରାତନ ଜାଡ଼ିବାସୁଲୀ, ବୁଢ଼ି ଜାଗୁଲାଇ, ଗ୍ରାମଦେବୀ ମନ୍ଦିର, ପାର୍ଶ୍ୱ ଶହେବର୍ଷରୁ ଉର୍ଦ୍ଧ୍ୱ ସାର୍ବଜନୀନ ଶ୍ରୀରାମ ନବମୀ ପୂଜୋତ୍ସବ ମହାସମାରୋହରେ ଦୀର୍ଘ ଦେଡମାସ ଧରି ଉଦ୍‌ଯାପିତ ହୋଇଯାଇଛି । ଏହାର ଭସାଣି ଉତ୍ସବ ସାଳନ୍ଦୀ ନଦୀଘାଟରେ ସମ୍ପନ୍ନ ହୋଇଛି । ଏଥିରେ ପୂଜା କର୍ମକର୍ତା, କାଉନ୍‌ସିଲର, କାଉନ୍‌ସିଲରଙ୍କ ପ୍ରତିନିଧି ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜାକର୍ମରେ ପ୍ରତ୍ୟେକ ଦିନ ପ୍ରସାଦ ସେବନ, ସନ୍ଧ୍ୟା ଆଳତି ଶ୍ରଦ୍ଧାଳୁମାନେ ଦର୍ଶନ କରିଥାନ୍ତି । ଦୈନନ୍ଦିନ ବିଗ୍ରହଙ୍କ ଠାରେ ପୂଜାର୍ଚ୍ଚନା ସହ ନୀତିକାନ୍ତି ହୋଇଥାଏ । ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ଭଜନ, ପାରାୟଣ, ଧର୍ମଚର୍ଚ୍ଚା, ମନୋରଂଜନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା । ତେବେ ଏହି ଶ୍ରୀରାମ ନବମୀରେ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳିଭୋଗ ଲାଗି ହୋଇ ପ୍ରସାଦ ସେବନ ସମସ୍ତେ କରିଥାନ୍ତି । ସୂଚନାଯୋଗ୍ୟ ଯେ ପାଳିଭୋଗ ଶେଷ ନ ହେବା ଯାଏ ମହାପ୍ରଭୁ ପୂଜା ପାଇଥାନ୍ତି । ଏହା ଏକ ଦୀର୍ଘ ବର୍ଷ ଧରି ନିଆରା ପରମ୍ପରା ରହିଆସିଛି । ଶ୍ରୀରାମ ନବମୀ ପୂଜା କମିଟିର ସମ୍ପାଦକ ତଥା ପୂର୍ବତନ କାଉନ୍‌ସିଲର୍ ସମାଜସେବୀ ଗଜେନ୍ଦ୍ର ପଣ୍ଡା, କାଉନ୍‌ସିଲର ଗୀତାଞ୍ଜଳି ଦାସ, କାଉନ୍‌ସିଲର୍‌ଙ୍କ ପ୍ରତିନିଧି ଯୁବନେତା ସୂର୍ଯ୍ୟକୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ, ସାମ୍ବାଦିକ, ଆଇନଜୀବୀ ଓ ଶୁଭେଚ୍ଛୁଙ୍କ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି । ଏହାଛଡ଼ା ଜନପ୍ରତିନିଧିମାନେ ମଧ ସାହାଯ୍ୟ ସହଯୋଗ କରିଆସୁଛନ୍ତି । ଗ୍ରାମରେ ଥିବା ଜାଡ଼ିବାସୁଲୀ, ଶ୍ରୀରାମ ମନ୍ଦିର, ଶ୍ରୀହନୁମାନ ମନ୍ଦିର ଏବଂ ନରେଶ୍ୱର ମନ୍ଦିରରେ ପୂଜକ ମଦନମୋହନ ମିଶ୍ର, ପ୍ରହଲ୍ଲାଦ ମିଶ୍ର, ଗୋବର୍ଦ୍ଧନ ମିଶ୍ର ଦୈନନ୍ଦିନ ପୂଜାପାଠ କରି ଆସୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଶହେ ବର୍ଷରୁ ଉର୍ଦ୍ଧ ଧରି ଅସ୍ତଳରେ ଶ୍ରୀରାମ ନବମୀ ଉତ୍ସବ ଅଦ୍ୟାବଧି ମହା ସମାରୋହରେ ପାଳିତ ହୋଇଆସୁଅଛି । ଦୀର୍ଘ ବର୍ଷ ଧରି ଶ୍ରୀରାମ ନବମୀ ପୂଜା କମିଟିର ସମ୍ପାଦକ ତଥା ପୂର୍ବ କାଉନ୍‌ସିଲର ପୂର୍ବତନ ଗଜେନ୍ଦ୍ର ପଣ୍ଡା ଶ୍ରୀରାମ ନବମୀ ଉତ୍ସବରେ ୧୯୮୫ ମସିହାରୁ ସେବା ମନୋବୃତିରେ ଓତଃପ୍ରୋତଃ ଭାବେ ଅଦ୍ୟାବଧି ଜଡ଼ିତ ରହି ଆସୁଛନ୍ତି । ସୂଚନାଯୋଗ୍ୟ ଶ୍ରୀରାମ ନବମୀ କମିଟିର ସଦସ୍ୟ ଦେବବ୍ରତ ନାୟକ(କାଳିଆ)ଙ୍କ ବିୟୋଗରେ ନୀରବ ଶୋକସଭା ଶ୍ରୀରାମ ନବମୀ ଉତ୍ସବରେ ଅନୁଷ୍ଠିତ ହୋଇଥିଲା ।

# ଅବକାରୀ ଚଢାଉ : ୫୪ ଲିଟର ଦେଶୀ ମଦ ଜବତ ସହିତ ୪ ଜଣ ଗିରଫ

ବେତନଟୀ (ନି ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢାଉ କରି ପ୍ରାୟ ୫୪ ଲିଟର ଦେଶୀ ମଦ ସହିତ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ବେତନଟୀ ସଠିଲୋ ଗ୍ରାମରୁ ଉମାକାନ୍ତ ରଣା (୪୬) ଙ୍କ ନିକଟରୁ ୧୩ ଲିଟର, ଏସଏସ ମହୁଲିଆ ଗ୍ରାମରୁ ଦୀନକୃଷ୍ଣ ସିଂ (୪୬) ନିକଟରୁ ୧୪ ଲିଟର, ସୁବ୍ରତ ଦାଶ (୪୩) ନିକଟରୁ ୧୩ ଲିଟର, ଉମାକାନ୍ତ ବେହେରା (୫୫) ଠାରୁ ୧୩ ଲିଟର ସର୍ବମୋଟ ୫୫ ଲିଟର ଚୋରା ଦେଶୀ ମଦ ଜବତ କରିବା ସହିତ ଏହି ଚାରିଜଣ ଙ୍କୁ ଗିରଫ କରାଯାଇଛି ।

# ବୃକ୍ଷ ସହ ଶିଶୁର ବନ୍ଧୁତା ନେଇ ବୈଠକ

ଜୟପୁର : (ହି.ସ.) – ବୃକ୍ଷ ରୋପଣ ଯେତିକି ଆବଶ୍ୟକ ତାହାର ରକ୍ଷଣାବେକ୍ଷଣ ସେତିକି ଜରୁରୀ । ଏହି ଚିନ୍ତନ ବିଶେଷକରି ଶିଶୁଙ୍କ ଭିତରେ ସୃଷ୍ଟି ହେବା ଆବଶ୍ୟକ । ପାଠ ପଢ଼ାର ବୋଝ ଭିତରେ ପ୍ରକୃତି ସହିତ ଯେଉଁ ସଂଯୋଗ ରହିବା କଥା ତାହା ସେମାନଙ୍କ ରହି ପାରୁନି । ବୃକ୍ଷ ସହିତ ଶିଶୁଙ୍କ ବନ୍ଧୁତା ବଢ଼ାଇବା ଦିଗରେ କାର୍ଯ୍ୟ କରିବା ପାଇଁ ଏକ ବୈଠକରେ ନିଷ୍ପତି ନେଇଛନ୍ତି ଯୋଜନା ଉଚ୍ଚ ବିଦ୍ୟାଳୟ, ବାରିଣୀପୁଟର ୧୯୯୮ ମାଟ୍ରିକ ବ୍ୟାଚ୍ ଛାତ୍ର ଛାତ୍ରୀ । ସ୍କୁଲ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠୀ, ଅବସର ପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ସ୍ୱାଇଁ, ବିଷ୍ଣୁ ଚରଣ ପଟନାୟକ ଯୋଗ ଦେଇଥିବା ବେଳେ ସାଇ ଗୋପାଳ ପାତ୍ର ସଭା ପରିଚାଳନା କରିଥିଲେ । ଧୀରେ ଧୀରେ ଗୁରୁ ଶିଷ୍ୟଙ୍କ ସଂପର୍କ ଭିତରେ ଦୂରତା ବଢ଼ିଥିବା ନେଇ ଅତିଥି ମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ବିଶେଷକରି ପୁରାତନ ବିଦ୍ୟାର୍ଥୀ ମାନେ ନିଜ ବିଦ୍ୟାଳୟ ସହ ଯୋଡ଼ି ହୋଇ ରହିବା ଓ ସ୍କୁଲର ଆବଶ୍ୟକତାକୁ ନିଜ ସାମର୍ଥ୍ୟ ଅନୁସାରେ ପୂରଣ କରାଇବାକୁ ଆଗଭର ହେବା ପାଇଁ ମୁଖ୍ୟଅତିଥି ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ପ୍ରକୃତିକୁ ପ୍ରତିଦାନ ପ୍ରସଙ୍ଗରେ ଆଲୋଚନା ହୋଇଥଲା । ସ୍କୁଲରୁ ଫେରିବା ବେଳେ ପିଲାଙ୍କ ୱାଟର ବୋଟଲରେ ବଳକା ଥିବା ପାଣି ସ୍କୁଲ ପରିସରରେ ଥିବା ଗଛ ମୂଳରେ ଢାଳିବାକୁ ନିଜ ପିଲାଙ୍କୁ ଶିଖାଇବା ଉଚିତ୍ । ନିୟମିତ ଏଭଳି କରିବା ଦ୍ୱାରା ପିଲାଙ୍କ ଭିତରେ ଗଛ ପ୍ରତି ଦୁର୍ବଳତା ବଢିବ ଓ ସେ କ୍ରମଶଃ ତାର ଯତ୍ନ ନେବା ପାଇଁ ଇଚ୍ଛା ପ୍ରକାଶ କରିବ । ଏଣୁ ଏହି ଅଭ୍ୟାସ ଅଭିଭାବକ ମାନେ ପିଲାଙ୍କ ଦ୍ୱାରା କରାଇବ ଉଚିତ୍ ହେବ ବୋଲି ପୂର୍ବତନ ଛାତ୍ର ଚିତ ରଂଜନ ଚୌଧୁରୀ ମତ ଦେଇଥିଲେ । ଏଥିରେ ଉପସ୍ଥିତ ସମସ୍ତେ ଏକମତ ହୋଇଥଲେ । ଗଛରେ ପାଣି ଦେଉଥିବା ଫୋଟ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଅଧିକ ସଚେତନତା ସୃଷ୍ଟି କରାଯାଇ ପାରିବ ।

# ରାସ୍ତାରେ କାର ପାର୍କିଂ ଯୋଗୁଁ ଅଚଳାବସ୍ଥା

ସମ୍ବଲପୁ : (ହି.ସ.)- ସମ୍ବଲପୁର ସହରରେ ବହୁ ରଥୀ ମହାରଥୀଙ୍କ ଠାରୁ ନେଇ ଗରିବ ଗୁରୁବା ମାନେ ବି ରହୁଛନ୍ତି । ଯାନବାହାନ ଚଳାଚଳ କ୍ଷେତ୍ରରେ ପ୍ରତ୍ୟେକ ଛକରେ ଟ୍ରାଫିକ ପୋଲିସ ମଧ୍ୟ ନିୟୋଜିତ ରହିଛନ୍ତି ମାତ୍ର ରବିବାର ସନ୍ଧ୍ୟାରେ ଓଡି ୧୫ ଏଏ ୨୯୦୫ ନମ୍ବରର ଏକ ଧଳା କାର ଗୋଲବଜାର - ଗେଟି ରୋଡ ମୁଖ୍ୟ ରାସ୍ତାରେ ବେଆଇନ ଭାବେ ପାର୍କିଙ୍ଗ କରି ଥିବାରୁ ବିନା କାରଣରେ ଶହଶହ ସଂଖ୍ୟାରେ ଅଟୋ ବାଇକ୍ ଅକଥନୀୟ ଯନ୍ତ୍ରଣାର ଶିକାର ହୋଇଥିବା ଦେଖିବାକୁ ମିଳିଥିଲା । ଗୋଟିଏ ପଟେ ସହରର ଆଇନ୍ ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ବେଳେ ଏଭଳି ଖାମଖିଆଲି ପାର୍କିଂ ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ବଙ୍ଗର ଆତ୍ମପରିଚୟର ପୁନରୁତ୍ଥାନ

ହାଓ୍ୱଡା ଦିନେ 'ଏସିଆର ସେଫିଲ୍ଡ' ଭାବରେ ପରିଚିତ ଥିଲା । ହୁଗୁଳି ନଦୀ କୂଳରେ ଥିବା ଚଟକଳଗୁଡ଼ିକ ଏହି ଉପମହାଦେଶର ସବୁଠାରୁ ବଡ଼ ସଂଗଠିତ ଶିଳ୍ପ କ୍ଷେତ୍ର ଥିଲା । କୋଲକାତା ଥିଲା ଭାରତର ବାଣିଜ୍ୟିକ ରାଜଧାନୀ; ବିର୍ଲା, ଟାଟା, ଆଇ.ଟି.ସି., ବ୍ରିଟାନିଆ, କୋଲ୍ ଇଣ୍ଡିଆ, ହିନ୍ଦୁସ୍ତାନ ମୋଟର୍ସ ଏବଂ ଗାର୍ଡେନ ରିଚ୍ ସିପ୍ ବିଲ୍ଡର୍ସ ପରି ବଡ଼ ବଡ଼ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଏଠାରେ ଥିଲା । ବର୍ଣ୍ଣପୁରର 'ଇସ୍କୋ' ୧୯୧୮ ମସିହାରୁ ଏବଂ ଦୁର୍ଗାପୁର ଷ୍ଟିଲ୍ ପ୍ଲା[ ଦ୍ୱିତୀୟ ପଂଚବାର୍ଷିକ ଯୋଜନା ସମୟରୁ ପ୍ରତିଷ୍ଠିତ । ୧୯୫୦-୫୧ ମସିହାରେ, ଦେଶର ମୋଟ ଶିଳ୍ପ ଉତ୍ପାଦନର ପ୍ରାୟ ୨୭ ପ୍ରତିଶତ କେବଳ ବଙ୍ଗଳାରୁ ଆସୁଥିଲା । ମୁଁ ସେହି କଲିକତାକୁ ଜାଣିଥିଲି । ବୈଦେଶିକ ସେବାରେ ଯୋଗଦେବା ପୂର୍ବରୁ, ମୋର ପ୍ରଥମ ଚାକିରି ମଧ୍ୟରୁ ଗୋଟିଏ ଏହି ସହରର 'ହିନ୍ଦୁସ୍ତାନ ଲିଭର'ରେ ଥିଲା । ସେତେବେଳେ କଲିକତା ଏମିତି ଏକ ସ୍ଥାନ ଥିଲା, ଯେଉଁଠାକୁ ନିଜର ଆସବାବପତ୍ର ଧରି ଆସୁଥିବା ଜଣେ ଯୁବକ ନିଶ୍ଚିତ ରହୁଥିଲା ଯେ ସେ ଦେଶର ବାଣିଜ୍ୟିକ କେନ୍ଦ୍ରସ୍ଥଳକୁ ଆସିଛି । ସେଠାରେ ବିଜୁଳି କଟୁ ନଥିଲା, ଟ୍ରାମ୍ ଚାଲୁଥିଲା ଏବଂ କମ୍ପାନୀଗୁଡ଼ିକ ନିଯୁକ୍ତି ଦେଉଥିଲେ । ଏଭଳି ଧାରାକୁ ସୃଷ୍ଟି କରିବା ନିମନ୍ତେ ଗୋଟିଏ ଶତାବ୍ଦୀ ଲାଗିଥିବାବେଳେ ତାହାକୁ କୌଣସି କାରଣରୁ ଜାଣିଶୁଣି ଭାଙ୍ଗିଦିଆଗଲା ଯାହାକୁ ଆର୍ଥିକ କୁପରିଚାଳନା ବ୍ୟତୀତ ଆଉ କିଛି କୁହାଯାଇ ନପାରେ । ୧୯୭୭ ମସିହାରେ ବାମଦଳ ମେଂଟ ସେଠାରେ ସରକାର ଗଠନ କରିଥିଲେ ଏବଂ ସେହି କ୍ଷମତାରେ ସେମାନେ ଦୀର୍ଘ ଚଉତିରିଶ ବର୍ଷ ଧରି ରହିଥିଲେ । ଶ୍ରମିକ ଶ୍ରେଣୀଙ୍କ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ନାରା ଦେଇ ସେମାନେ ଏକ ଛାୟା ରାଷ୍ଟ୍ର ଗଠନ କରିଥିଲେ ଯାହା ସେଠାରେ ବ୍ୟାପକ ଆକାର ଧାରଣ କରିଥିଲା । ଘର ଖଣ୍ଡିଏ ତୋଳିବାକୁ, ଦୋକାନଟିଏ ଆର୍ଭ କରିବାକୁ କିମ୍ବା ଭାଟିଟିଏ ଗଢ଼ିବାକୁ, ବା ପରିବହନ ରୁଟ୍ ପାଇଁ ଅନୁମତି ପାଇବାକୁ, ପଂଚାୟତର ବୈଠକ ଆୟୋଜିତ କରିବାକୁ ହେଲେ ସେମାନଙ୍କୁ ଚାନ୍ଦା ଅନୁମତି ନେବାକୁ ଓ ଚାନ୍ଦା ଦେବାକୁ ପଡୁଥିଲା । କମ୍ୟୁନିଷ୍ଟ କ୍ୟାଡରମାନେ ସେମାନଙ୍କ ଠାରୁ ତାହା ଅସୁଲ କରୁଥିଲେ । ସେଇଥିରେ ଦଳ ଅତି ମାତ୍ରାରେ ନିର୍ଭରଶୀଳ ଥିଲା । ଶ୍ରମିକ ସଂଗଠନ ସେଠାରୁ ପୁଞ୍ଜିକୁ ପୂରାପୁରି ବିତାଡ଼ିତ କରିଦେଲା, ଯାହା ଜଳଜଳ ହୋଇ ଦୃଶ୍ୟମାନ । ଜୋର ଜବରଦସ୍ତ ଭାବରେ ଟଙ୍କା ଅସୁଲ କରିବା ନାଗରିକମାନଙ୍କୁ ମଧ ସେଠାରୁ ବିତାଡ଼ିତ କରିଥିଲା । ତାହା ସମସ୍ତେ ଦେଖୁଥିଲେ ସୁଦ୍ଧା କେହି ତାହା ବିରୁଦ୍ଧରେ ତୁଣ୍ଡ ଖୋଲୁ ନଥିଲେ । ୨୦୦୦ ମସିହା ବେଳକୁ ଯେତେବେଳେ ବାମପନ୍ଥୀ ଦଳ ନିଜେ ଏହି ଧାରାକୁ ବଦଳାଇବାକୁ ଚାହିଁଲା ଏବଂ ଟାଟା ମୋଟର୍ସକୁ ସିଙ୍ଗୁରକୁ ଆଣିବାକୁ ଚେଷ୍ଟା କଲା, ତୃଣମୂଳ କଂଗ୍ରେସ ଏହାର ବିରୋଧ କରି ଆମରଣ ଅନଶନରେ ବସିରହିଲା ଏବଂ ଏହି ପ୍ରକଳ୍ପ ୨୦୦୮ ମସିହାରେ ଗୁଜରାଟକୁ ସ୍ଥାନାନ୍ତରିତ ହୋଇଗଲା । ମାଫିଆମାନେ ସେମାନଙ୍କର ରଙ୍ଗ ବଦଳାଇଦେଲେ; କିନ୍ତୁ ସେମାନଙ୍କର ଅନ୍ତ ଘଟି ନଥିଲା । ୨୦୧୧ ମସିହାରେ ତୃଣମୂଳ କଂଗ୍ରେସ ପଶ୍ଚିମ ବଙ୍ଗରେ କ୍ଷମତାକୁ ଆସିଲା ଏବଂ ସେତେବେଳେ ଦଳ ପକ୍ଷରୁ ନାରା ଦିଆଗଲା- 'ପରିବର୍ତନ' । ଏହା ପରେ ଯାହା ଘଟିଲା ତାହା ହେଉଛି ସେହି ବ୍ୟବସ୍ଥା, କେବଳ ପୋଷାକରେ ପରିବର୍ତନ । 'କଟ୍' ବଦଳିଗଲା 'କଟ୍-ମନି'କୁ । କ୍ୟାଡର ବଦଳିଗଲା ସିଣ୍ଡିକେଟକୁ । ଜାତୀୟ ଉତ୍ପାଦନରେ ବଙ୍ଗଳାର ୨୭ ପ୍ରତିଶତ ହଠାତ୍ ୫ ପ୍ରତିଶତ ତଳକୁ ଖସିଆସିଥିଲା । ଲୋକଙ୍କ ମୁଣ୍ଡପିଛା ଉପାର୍ଜନ, ଯାହା ଏକଦା ଜାତୀୟ ହାରର ୧୨୭ ପ୍ରତିଶତ ଥିଲା, ତାହା ୮୪ ପ୍ରତିଶତକୁ ହ୍ରାସ ପାଇଥିଲା । ଇତି ମଧ୍ୟରେ ଛଅ ହଜାରରୁ ଅଧିକ ପଞ୍ଜିକୃତ କମ୍ପାନୀ କୋଲକାତାରୁ ସେମାନଙ୍କର ମୁଖ୍ୟ ଦପ୍ତର ଅନ୍ୟତ୍ର ସ୍ଥାନାନ୍ତରିତ କରିନେଇଛନ୍ତି । ବଙ୍ଗଳାର ପିଲାମାନେ ଯେଉଁମାନେ ଏକଦା ହାଓଡ଼ା କିମ୍ବା ସଲ୍ଟ ଲେକରେ କାମ କରୁଥିଲେ, ବର୍ତମାନ ସେମାନେ ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ପୁଣେରେ ଅବସ୍ଥାନ କରୁଛନ୍ତି । ରାଜ୍ୟର ମତଦାତାମାନେ ଯେଉଁମାନେ ଜଳଜଳ ହୋଇ ଦେଖୁଥିଲେ ଯେ ସେମାନଙ୍କର କର୍ମସଂସ୍ଥାନ ଏବଂ ସେମାନଙ୍କର ଉପାର୍ଜନ ରାଜ୍ୟ ବାହାରକୁ ବହିଯାଉଛି, ସେମାନେ କିଂକର୍ତବ୍ୟବିମୂଢ଼ ହୋଇ ରହିଥିଲେ ଏବଂ ନିଜ ହାତରେ ଥିବା ବାଲଟ ମାଧ୍ୟମରେ ଏହାର ଜବାବ ଦେବେ ବୋଲି ଅପେକ୍ଷାରେ ଥିଲେ । ଏହିଭଳି ସ୍ଥିତିର କେନ୍ଦ୍ରବିନ୍ଦୁରେ ରହିଛି ମହିଳାମାନଙ୍କର ରେକର୍ଡ ଯାହା ସ୍ୱାଧୀନ ଭାରତରେ ଆଜି ସୁଦ୍ଧା ହାସଲ କରାଯାଇ ନଥିଲା । ଜଣେ ମହିଳା ମୁଖ୍ୟମନ୍ତ୍ରୀ ନିଜ ରାଜ୍ୟର ଜଣେ ମହିଳାଙ୍କ ପ୍ରତି କରାଯାଇଥିବା ନିର୍ଯ୍ୟାତନା ଏବଂ ହତ୍ୟା ପ୍ରସଙ୍ଗରେ ବୈଠକରେ ଅଧ୍ୟକ୍ଷତା କରିବା । ୨୦୨୪ ମସିହା ଅଗଷ୍ଟ ମାସରେ ଆର. ଜି. କର ମେଡିକାଲ କଲେଜରେ ଜଣେ ପୋଷ୍ଟଗ୍ରାଜୁଏଟ ଟ୍ରେନି ମହିଳା ଡାକ୍ତରଙ୍କ ପ୍ରତି ବଳାତ୍କାର ଏବଂ ହତ୍ୟା ଘଟଣା ଘଟିଥିଲା । ଅପରାଧ ଘଟିଥିବା ସ୍ଥାନରେ ସାରା ରାତି ଲୋକମାନଙ୍କ ଦ୍ୱାରା ଚାଲିଥିବା ବର୍ବରତାକୁ ଘଉଡ଼ାଇବାକୁ କୋଲକାତା ପୁଲିସ ଚାହିଁ ନଥିଲା । ଏହି ମାମଲାକୁ କେନ୍ଦ୍ରୀୟ ଗୁଇନ୍ଦା ବ୍ୟୁରୋକୁ ତଦନ୍ତ ନିମନ୍ତେ ହସ୍ତାନ୍ତର କରିବା ସକାଶେ କଲିକତା ହାଇକୋର୍ଟଙ୍କ ଆଦେଶ ଦିଆଯାଇଥିଲା, ଯେତେବେଳେ କୋଲକାତା ପୁଲିସର ତଦନ୍ତ ଉପରେ ସେମାନଙ୍କର ବିଶ୍ୱାସ ହୋଇ ନଥିଲା । ସେତେବେଳକୁ ୪୨ ଦିନ ଧରି ଜୁନିଅର ଡାକ୍ତରମାନେ ଧର୍ମଘଟ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ଅନେକ ମହିଳା ଡାକ୍ତର ଥିଲେ । ସନ୍ଦେଶଖାଳି, ଜାନୁଆରୀ ୨୦୨୪ । ସୁନ୍ଦରବନ ଦ୍ୱୀପର ଜଣେ ମହିଳା ତୃଣମୂଳ କଂଗ୍ରେସର ଜଣେ ଜିଲ୍ଲା କାଉସିଲ ସଦସ୍ୟଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ରାସ୍ତା ଉପରକୁ ଓହ୍ଲାଇଥିଲେ ଏବଂ ଏହାପରେ ସେ ୪୫ ଦିନ ଧରି ଆତ୍ମଗୋପନ କରି ଘୂରି ବୁଲି ଥିଲେ, କାରଣ ରାଜ୍ୟ ପୁଲିସ ତାଙ୍କର ଅଭିଯୋଗ ଦରଜ କରି ନଥିଲା । ଜଣେ ମୁଖ୍ୟମନ୍ତ୍ରୀ ଯିଏ ଏକଦା 'ପରିବର୍ତନ'ର ନାରା ଦେଇ ଏକ ସରକାରର ନେତୃତ୍ୱ ନେଉଥିଲେ, ତାଙ୍କରି ରାଜ୍ୟର ମହିଳାମାନେ ନିଜ କ୍ୟାଡ଼ରଙ୍କ ଭୟରେ ବିଚାରାଳୟରେ, କେନ୍ଦ୍ରୀୟ ଏଜେନ୍ସିମାନଙ୍କ ନିକଟରେ ଏବଂ ରାଜରାସ୍ତାରେ ଆଶ୍ରୟ ନେବାକୁ ପଡ଼ିଲା ! ଏହା ଆଦୌ ବିବେକାନୁମୋଦିତ ଘଟଣା ନୁହେଁ । ବଙ୍ଗଳାର ମହିଳାମାନଙ୍କୁ ଯାହା ସହ୍ୟ କରିବାକୁ ପଡ଼ିଥିଲା, ରାଜ୍ୟର ଯୁବଗୋଷ୍ଠୀଙ୍କୁ ଯାହା ହରାଇବାକୁ ପଡ଼ିଥିଲା ତାହା ସଙ୍ଗେ ତୁଳନୀୟ । ପ୍ରବର୍ତନ ନିର୍ଦ୍ଦେଶାଳୟ ପକ୍ଷର କରାଯାଇଥିବା ପ୍ରଥମ ରେଡବେଳେ ସଲ୍ଟ ଲେକର ଗୋଟିଏ ତାଲା ପଡ଼ିଥିବା ଗୋଟିଏ ଫ୍ଲାଟରୁ ୨୧ କୋଟି ଟଙ୍କାର ନଗଦ ରାଶି ଜବତ କରାଯାଇଥିଲା । ଏହି ଘଟଣାରେ ଅନ୍ୟାନ୍ୟ ସ୍ଥାନରେ ହୋଇଥିବା ଚଢ଼ାଉରୁ ମୋଟ ୫୦ କୋଟି ଟଙ୍କାରୁ ଅଧିକ ସମ୍ପତି ଜବତ କରାଯାଇଥିଲା । ସେହି ଚଢ଼ାଉ କରାଯାଇଥିଲା ରାଜ୍ୟର ଜଣେ କାର୍ଯ୍ୟରତ କ୍ୟାବିନେଟ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ବାସଭବନ ଉପରେ, ଯିଏ ଶିକ୍ଷାମନ୍ତ୍ରୀ ଭାବରେ ପଶ୍ଚିମ ବଙ୍ଗ ବିଦ୍ୟାଳୟ ସେବା କମିଶନର ଅଧ୍ୟକ୍ଷ ଥିଲେ । କଲିକତା ହାଇକୋର୍ଟ ଏପ୍ରିଲ, ୨୦୨୪ରେ ହୋଇଥିବା ପଚିଶ ହଜାର ସାତଶହ ତେପନ ଜଣ ଶିକ୍ଷକ, ଗ୍ରୁପ୍- ସି ଏବଂ ଗ୍ରୁପ-ଡି କର୍ମଚାରୀଙ୍କ ନିଯୁକ୍ତିକୁ ବେଆଇନ ବୋଲି ବାଜ୍ୟାପ୍ତ କରିଦେଇଥିଲେ । ଏହି ମାମଲା ସୁପ୍ରିମ କୋର୍ଟରେ ପହଂଚିଥିଲା ଏବଂ ସୁପ୍ରିମ୍ କୋର୍ଟ ମଧ ନିଜର ରୁଲିଂ ଦେଇ ୨୦୨୫ ମସିହାରେ ତଳ କୋର୍ଟଙ୍କ ଆଦେଶକୁ କାଏମ ରଖିଥିଲେ । ସମଗ୍ର ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ଚୟନ ବଳୟର ଅର୍ଥ ହେଲା ବଙ୍ଗଳାର ଯୁବବର୍ଗଙ୍କୁ ଜୀବନର ଏକ ରାହା ପ୍ରଦାନ କରିବା ଯାହାକି ଏହାର ଠିକ୍ ବିପରୀତ ପାଲଟିଥିଲା । କାରଣ ସେହିସବୁ ଚାକିରିଗୁଡ଼ିକ ବିକ୍ରି କରାଯାଇଥିଲା ଏବଂ ଯୋଗ୍ୟ ପ୍ରାର୍ଥୀମାନେ ସେହି ଧାଡ଼ିରେ ଠିଆ ହୋଇପାରି ନଥିଲେ । ଏହି ସ୍କାମ ଠାରୁ ବଳି ପଡ଼ିଥିଲା ରାସନ ସ୍କାମ ଯାହା ଆଉ ଜଣେ କ୍ୟାବିନେଟ ମନ୍ତ୍ରୀ, ଜ୍ୟୋତିପ୍ରିୟ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ତା'ଠାରୁ ଆହୁରି ଅଧିକ ଥିଲା ଗୋ- ସ୍କାମ, 'କଟ୍- ମନି କଲସର' (ଅସୁଲି ଆଦାୟ ସଂସ୍କୃତି), ସିଣ୍ଡିକେଟ ରାଜ । ରାଜ୍ୟର ସାଧାରଣ ଭୋଟରମାନେ ଏହା ପଛରେ ଥିବା ସମସ୍ତ ତତ୍ୱଙ୍କ ସଂପୃକ୍ତିକୁ ଉତମ ରୂପେ ବୁଝିଥିଲେ । ମାଫିଆମାନଙ୍କ ଦ୍ୱାରା ପରିଚାଳିତ ଏକ ରାଜ୍ୟରେ ସେହିସବୁ ନାଗରିକମାନେ ଅଧିକ ଦୁର୍ଦ୍ଦଶା ଭୋଗ କରିଥିଲେ ଯେଉଁମାନେ କୌଣସି ଲାଂଚ ଦେବାକୁ ପ୍ରସ୍ତୁତ ନଥିଲେ । ଏହିସବୁ ରେକର୍ଡ ଛଡ଼ା ଆଉ ଏକ ରେକର୍ଡ ମଧ ମୁଣ୍ଡ ଟେକିଥିଲା । ବିଗତ ଏକ ଦଶନ୍ଧି ମଧ୍ୟରେ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନରେ ଚାରି କୋଟି ଏକୋଇଶ ଲକ୍ଷ ବାସଗୃହ ନିର୍ମାଣ କରାଯାଇଥିଲା । ଜଳ ଜୀବନ ମିଶନ ଅଧୀନରେ ପନ୍ଦର କୋଟି ପରିବାରଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା, ଯାହାକି ୨୦୧୯ ମସିହାରେ ମାତ୍ର ତିନି କୋଟି ଥିଲା । ଆୟୁଷ୍ମାନ ଭାରତ ଯୋଜନା ହାରାହାରି ପଂଚାବନ କୋଟି ହିତାଧିକାରୀଙ୍କୁ ବାର୍ଷିକ ପାଂଚ ଲକ୍ଷ ଟଙ୍କା ଲେଖାଏଁ ଚିକିତ୍ସା ସୁବିଧା ଯୋଗାଇ ଦେଇଛି । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ (ଡି.ବି.ଟି.) ବଙ୍ଗଳାର ସେହି ପୁରୁଣା ବାଟମାରଣା ବ୍ୟବସ୍ଥାକୁ ପ୍ରତି କଲ୍ୟାଣକର ଯୋଜନାରୁ ଦୂରେଇ ସେବାରେ ସକ୍ଷମ ହୋଇ ପାରିଥିଲା । ଏସବୁ କୌଣସିଟି ଲୋକମାନଙ୍କ ଧ୍ୟାନକୁ ବିଭ୍ରାନ୍ତ କରି ନଥିଲା । ସେମାନଙ୍କର ଏହି ଭାବନା ଉପରେ ହିଁ ଭାରତୀୟ ଜନତା ପାର୍ଟିର ପ୍ରତ୍ୟେକ କର୍ମକର୍ତା ବଙ୍ଗଳାରେ ଦଣ୍ଡାୟମାନ ହୋଇ ଲୋକମାନଙ୍କୁ ସେମାନଙ୍କର ମତଦାନ ନିମନ୍ତେ ଆହ୍ୱାନ ଜଣାଇଥିଲେ । ଏହି ପ୍ରେକ୍ଷାପଟ୍ଟ ପଛରେ ଗୋଟିଏ ନେଟଓ୍ୱାର୍କ ଦଣ୍ଡାୟମାନ ଥିଲା । ଦଳର ବୁଥ୍ ସ୍ତରୀୟ କ୍ୟାଡ଼ର, ପନ୍ନ ପ୍ରମୁଖ, କାର୍ଯ୍ୟକର୍ତା ଯେଉଁମାନେ ପୂର୍ବରୁ ଏଭଳି ଧମକ ଓ ଶାରୀରିକ ହିଂସାକୁ ନିର୍ବାଚନୀ ପ୍ରକ୍ରିୟା ଚାଲିଥିବାବେଳେ ସହ୍ୟ କରିଥିଲେ । ଅନ୍ୟ ଦଳର କର୍ମକର୍ତାମାନେ ଯେଉଁ ସାଧାରଣ କାର୍ଯ୍ୟ ଯଥା ପଞ୍ଜୀକରଣ, ପରିବହନ ଏବଂ ଲୋକମାନଙ୍କୁ ଭୋଟ ଦେବା ପାଇଁ ପ୍ରୋତ୍ସାହିତ କରିବାକୁ ନାପସନ୍ଦ କରୁଥିଲେ ସେମାନେ ତାହା ନିଷ୍ଠାର ସହ ସଂପାଦନ କରିଥିଲେ । ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିରୁଦ୍ଧରେ ଧମକ, କେନ୍ଦ୍ରୀୟ ବଳ ଥରେ ରାଜ୍ୟରୁ ହଟିବା ପରେ କ'ଣ ଘଟିବ ତାହା ଘୋଷଣା କରିବା, ପୂର୍ବବର୍ତୀ ରାଉଣ୍ଡ ମତଦାନ ପରବର୍ତୀ ହିଂସା କେବଳ କାର୍ଯ୍ୟକର୍ତାମାନଙ୍କୁ ଚେତାଇ ଦିଆଯାଉଥିଲା । ରାଜ୍ୟସାରା ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ମାନ୍ୟବର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ ସ୍ୱୟଂ ବଙ୍ଗଳାକୁ ଯାଇ ସେଠାରେ ଜିଲ୍ଲାକୁ ଜିଲ୍ଲା ବୁଲି ଭ୍ରମଣ କଲେ । ଏପରିକି ଗୋଟିଏ ଟାଉନକୁ ମାତ୍ର କିଛି ସପ୍ତାହ ବ୍ୟବଧାନରେ ପୁଣି ଥରେ ଗସ୍ତ କଲେ ଏବଂ ଜାଣିବାକୁ ଚାହିଁଲେ ଯେ ତାଙ୍କର କ୍ୟାଡରମାନେ କ'ଣ କରୁଛନ୍ତି । ସେମାନେ କ'ଣ କରିବାକୁ ପ୍ରୟାସ କରୁଛନ୍ତି ତାହା କେବଳ ଏକ ନିର୍ବାଚନୀ ପରିବର୍ତନ ନଥିଲା । ଏହା ଏକ ସୌଧକୁ ଭାଙ୍ଗିବା ସଦୃଶ ଥିଲା । ଏଭଳି ସଫଳତାର ଚେହେରା ତା'ର ନିଜସ୍ୱ ଗାଥା ହିଁ ବର୍ଣ୍ଣନା କରେ । ଶ୍ରୀମତୀ ରତ୍ନା ଦେବନାଥ, ଆର.ଜି.କର ମେଡିକାଲ କଲେଜ ହସ୍ପିଟାଲ ଘଟଣାରେ ଶରବ୍ୟ ହୋଇଥିବା ମହିଳାଙ୍କ ମାଆ, ଯାହାଙ୍କୁ ଭାରତୀୟ ଜନତା ପାର୍ଟି ପାନିହାଟୀ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବା ସକାଶେ ଠିଆ କରାଇଥିଲା, ସେ ବିପୁଳ ବ୍ୟବଧାନରେ ବିଜୟୀ ହୋଇ ତୃଣମୂଳ କଂଗ୍ରେସର ପନ୍ଦର ବର୍ଷର ଦୁର୍ଗର ପତନ ଘଟାଇଥିଲେ । ଶ୍ରୀମତୀ ରେଖା ପାତ୍ର, ଯିଏ ନିଜ ଭୂଇଁ ସନ୍ଦେଶଖାଲିରେ ଠିଆହୋଇ ତାହା ଦାବି କରିଥିଲେ ଯାହା ତାଙ୍କୁ ରାଜ୍ୟ ଦେବାକୁ ମନା କରିଥିଲା ଏବଂ ସେ ସେହି ଦାବିକୁ ନେଇ ହିଙ୍ଗଲାଗଞ୍ଜରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଜିଲ୍ଲାର ଯେଉଁ ଭୋଟରମାନେ ତିରିଶ ବର୍ଷ ଧରି ବାମଦଳକୁ ଭୋଟ ଦେଉଥିଲେ ଏବଂ ପନ୍ଦର ବର୍ଷ ଧରି ତୃଣମୂଳ କଂଗ୍ରେସକୁ ସମର୍ଥନ କରୁଥିଲେ, ସେମାନେ ପ୍ରଥମ ଥର ପାଇଁ ପଦ୍ମ ଆଡ଼କୁ ଢଳିଥିଲେ । ୨୦୨୬ ମସିହା ମେ ୪ ତାରିଖ ରବିବାର ଦିନ ବଙ୍ଗଳା ତା'ର ପ୍ରତିଶୋଧ ନେଇଥିଲା । ଭାରତୀୟ ଜନତା ପାର୍ଟି ଘୋଷିତ ୨୯୩ଟି ଆସନ ମଧ୍ୟରୁ ୨୦୬ଟିରେ ବିଜୟ ଲାଭ କରିଥିଲା । ଅଣଚାଶ ବର୍ଷର ମାଫିଆ ଶାସନ, ଯାହାକି ଗୋଟିକ ପରେ ଗୋଟିଏ ସମାନ ମାତ୍ରାରେ କ୍ଷମତାରେ ଥିଲେ ସେମାନଙ୍କର ଅନ୍ତ ଘଟିଥିଲା । ଏହାକୁ କେବଳ ଏକ ନିର୍ବାଚନୀ ପରିଣାମ ବୋଲି କୁହାଯାଇ ପାରିବନାହିଁ । ଏହା ଏକ ଆଦର୍ଶଗତ ବିଜୟ । ଏହି ସଫଳତା ପୂର୍ବରୁ ହିଁ ଲଢ଼ାଯାଉ ଥିଲା । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ, ଯାହାକି ନବେ ଲକ୍ଷ ଅଯୋଗ୍ୟ ନାମକୁ ଭୋଟର ତାଲିକାରୁ ହଟାଇଥିଲା । କାରଣ ଏହି ରାଜ୍ୟରେ ଅଯୋଗ୍ୟ ମତଦାତାମାନଙ୍କୁ ଦୀର୍ଘ ୧୫ ବର୍ଷ ଧରି ଏକଜୁଟ ହେବାକୁ ଅନୁମତି ଦିଆଯାଇଥିଲା ଏବଂ ଏହାକୁ ବର୍ତମାନ ପରାଜିତ ଦଳ ପକ୍ଷରୁ ଭୋଟ ଦମନ ବୋଲି ଆଖ୍ୟା ଦିଆଯାଉଛି । ପରିସଂଖ୍ୟାନ ହିଁ ଏହି ପ୍ରଶ୍ନର ଜବାବ ଦିଏ । ଏଭଳି ଏସ.ଆଇ.ଆର. କାର୍ଯ୍ୟ ସଂପାଦନ ସମୟରେ ଯେଉଁ କୋଡ଼ିଏଟି ବିଧାନସଭା କ୍ଷେତ୍ରରୁ ସର୍ବାଧିକ ସଂଖ୍ୟକ ନାମ ବାଦ୍ ପଡ଼ିଛି, ତୃଣମୂଳ କଂଗ୍ରେସର ପ୍ରାର୍ଥୀମାନେ ସେହିସବୁ ଆସନରୁ ତେରଗୋଟି ସ୍ଥାନରେ ବିଜୟୀ ହୋଇଛନ୍ତି । ସମଶେରଗଞ୍ଜ, ଲାଲଗୋଲା, ଭଗବାନଗୋଲା, ରଘୁନାଥଗଞ୍ଜ ଏବଂ ମେଡିଆବୁରୁଜ – ଏହି ପାଂଚଟି



ହରଦୀପ ସିଂହ ପୁରୀ

ସର୍ବାଧିକ ଅଯୋଗ୍ୟ ମତଦାତା ବାଦ୍ ପଡ଼ିଥିବା ଆସନ-ସବୁଗୁଡ଼ିକରେ ଉଭୟ ୨୦୨୧ ଏବଂ ୨୦୨୬ରେ ତୃଣମୂଳ କଂଗ୍ରେସର ପ୍ରାର୍ଥୀ ହିଁ ବିଧାୟକ ହୋଇଥିଲେ । ଅନ୍ୟ ଅଣଚାଶଟି ଆସନ ଯେଉଁଠାରେ ବିଜୟ ମାର୍ଜିନ୍ ଭୋଟର ତାଲିକା ସଂଶୋଧନ କରେ ମତଦାତାଙ୍କ ସଂଖ୍ୟା କମ୍ ହୋଇଥିଲା, ସେଥିରୁ ଛବିଶଟିରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଜୟଯୁକ୍ତ ହୋଇଛନ୍ତି, ଏକୋଇଶଟି ଆସନ ତୃଣମୂଳ କଂଗ୍ରେସକୁ ଯାଇଛି ଏବଂ ଦୁଇଟି କଂଗ୍ରେସ ଦଳ ଭାଗରେ ପଡ଼ିଛି । ଟାର୍ଗେଟ କରି ବାଦ୍ ଦିଆଯାଇଥିଲେ ସେଥିରୁ ଏଭଳି ପ୍ରାୟ ସମାନ ବିଜୟ ବିଭାଜନ ପରିଣାମ (ଉଭୟ ବିଜୟୀ ଏବଂ ପରାଜିତ ଦଳଙ୍କ ମଧ୍ୟରେ) କଦାପି ଆସି ନଥାଆନ୍ତା । ଚଳିତ ନିର୍ବାଚନରେ ୯୨.୯୩ ପ୍ରତିଶତ ମତଦାନ, ଯାହାକି ରାଜ୍ୟ ଇତିହାସରେ ସର୍ବାଧିକ, ତାହାହିଁ ଏହ ପ୍ରଶ୍ନର ସମାଧାନ କରିଦେଇଛି ଯେ ଭୋଟର ତାଲିକା ନିର୍ଭରଯୋଗ୍ୟ ଅବା ନୁହେଁ । ମତଦାତାମାନେ ଯେଉଁ ମତାଧିକାର ସାବ୍ୟସ୍ତ କରିଛନ୍ତି ସେହି ପରିଣାମକୁ ଅସ୍ୱୀକାର କରି, ପରାଜିତ ଦଳ କେବଳ ତାଙ୍କର ଦାଦାଗିରି ଦେଖାଉନାହାନ୍ତି ବରଂ ରାଜ୍ୟର ମତଦାତାମାନେ ଯେଉଁ ବିଚାରବନ୍ତ ମତଦାନ କରିଛନ୍ତି ତାହାକୁ ମଧ ଅସ୍ୱୀକାର କରୁଛନ୍ତି । ବଙ୍ଗଳା ତା'ର ମତାଧିକାର ସାବ୍ୟସ୍ତ କରିଛି, ବଙ୍ଗଳା ତା'ର ନୂଆ ସରକାର ଚୟନ କରିଛି । ମତଦାତାମାନେ ଯାହା ଚାହୁଁଥିଲେ ତାହା ଅନୁମାନ କରିବା କଷ୍ଟକର ବ୍ୟାପାର ନୁହେଁ । ସେମାନେ ଶାନ୍ତି ଚାହାନ୍ତି ଏବଂ ହିଂସାରୁ ମୁକ୍ତି ଚାହାନ୍ତି ଯାହା ବଙ୍ଗଳାର ରାଜରାସ୍ତାକୁ ଆଚ୍ଛନ୍ନ କରି ରଖିଥିଲା । ସେମାନେ ସମୃଦ୍ଧି (ପ୍ରଗତି) ଚାହାନ୍ତି ଏବଂ ଯେଉଁ ସହରରେ ସେମାନେ ବସବାସ କରନ୍ତି ସେଠାରେ ସେମାନେ ନିଜ କର୍ମରେ ବାହାରିବାକୁ ଚାହାନ୍ତି । ସେମାନେ ସ୍ଥିରତା ଚାହାନ୍ତି ଏବଂ ଏଭଳି ଏକ ପ୍ରଶାସନ ଚାହାନ୍ତି ଯାହା ସେମାନଙ୍କ ଠାରୁ ବଂଚିବା ସକାଶେ ଦାଦାବଟି ଅସୁଲ କରୁ ନଥିବ । ରାଜ୍ୟରେ ଏକ ସାଂସ୍କୃତିକ ଏବଂ ଆର୍ଥିକ ପୁନରୁତାନ ଚାହାନ୍ତି, ଯାହା ଦିନେ ଦେଶକୁ ତା'ର ଶିଳ୍ପ ବେଲ୍ଟ ପ୍ରଦାନ କରିଥିଲା, ଏହାକୁ ବ୍ୟାବସାୟିକ ରାଜଧାନୀରେ ପରିଣତ କରିଥିଲା ଏବଂ ଜାତୀୟ ପ୍ରଶାସନର ପ୍ରାଥମିକ ନିର୍ମାତା ଭାବରେ ସୁପରିଚିତ କରିଥିଲା । ମୁଁ ଯେଉଁ କଲିକତାରେ ଦିନେ କାମ କରୁଥିଲି ତାହାକୁ ପୁଣି ଫେରାଇ ଆଣିବା ସମ୍ଭବପର । ବିକଶିତ ଭାରତ ୨୦୪୭ ପାଇଁ ବଙ୍ଗଳା ତା'ର ଅବଦାନ ପ୍ରଦାନ ନିମନ୍ତେ ପ୍ରସ୍ତୁତ ଅଛି । ବିଗତ ଏକ ଦଶନ୍ଧିର ପ୍ରତ୍ୟେକ କଲ୍ୟାଣ ଯୋଜନାର ସୁଫଳ ଏବଂ ସଂସାଧନଗତ ନିଷ୍ପତି ପଛରେ ଏପରି ଜଣେ ପ୍ରଧାନମନ୍ତ୍ରୀ ଅଛନ୍ତି ଯିଏ ପ୍ରତ୍ୟେକ ନାଗରିକଙ୍କୁ ବିକାଶର ଗୋଟିଏ ଗୋଟିଏ ୟୁନିଟ ବୋଲି ବିବେଚନା କରନ୍ତି । ନାଗରିକଙ୍କ ଉପରେ ଆସ୍ଥା ସ୍ଥାପନର ସୁଫଳ ବର୍ତମାନ ପରିଣାମରେ ପ୍ରତିଫଳିତ ହୋଇଛି ।

***(ଲେଖକ କେନ୍ଦ୍ର ସରକାରରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଅଛନ୍ତି)***

## ହଜ ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି




ଖୋର୍ଦ୍ଧା(ନିପ୍ର) : ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ, ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଉପ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା, ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ବି ଡି ଓ, ବେଗୁନିଆ, ତହସିଲଦାର, ବେଗୁନିଆ , ହଜ ଗ୍ରାମ ପଂଚାୟତ ସରପଂଚ ଦମୟନ୍ତୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲା ପ୍ରଶାସନକୁ ସହଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ଶିବିରକୁ ମୋଟ ୧୧୮ ଗୋଟି ଅଭିଯୋଗ ଆସିଥିଲା ବେଳେ ତନ୍ମଧ୍ୟରୁ ୧୦୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଆସିଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ ଅଭିଯୋଗ ଶିବିରରେ ୮୧ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ମାନ୍ୟବର ବିଧାୟକ, ବେଗୁନିଆ, ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ଜ୍ୟୋତି ଶଙ୍କର ସାହୁ, ସମସ୍ତ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଅଗ୍ରଣୀ ଯୋଜନାର ସଫଳ ରୂପାୟନ ଦିଗରେ ଖୋଲା ଯାଇଥିବା ଶିକ୍ଷା ଓ ସୂଚନା ଷ୍ଟଲ ଗୁଡ଼ିକୁ ବୁଲି ଅନୁଧ୍ୟାନ କରିଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ୟୁଥ୍ ଗେଲେକ୍ସି ଫ୍ଲଡ ଲାଇଟ୍ ଫୁଟବଲ୍ ଟୁର୍ଣ୍ଣାମେଂଟର ଫାଇନାଲ୍ ମ୍ୟାଚ୍ ରେ ମା' ମଙ୍ଗଳା ବିଜୟୀ

କଟକ(ନିପ୍ର) : ଦରଘା ବଜାର ପ୍ୟାରୀମୋହନ ଏକାଡେମୀ ଖେଳ ପଡ଼ିଆରେ ୟୁଥ୍ ଗେଲେକ୍ସି ଫୁଟବଲ୍ କ୍ଲବ୍ ତରଫରୁ ଆୟୋଜିତ ହେଉଥିବା ଫ୍ଲଡ୍ ଲାଇଟ ଫୁଟବଲ୍ ଟୁର୍ଣ୍ଣାମେଂଟର ଉଦଯାପନ ହୋଇ ଯାଇଛି । ମା ମଙ୍ଗଳା ଜିରୋ ୱାନରେ ବିଜୟୀ ହୋଇଥିବାବେଳେ ପ୍ରତିଦ୍ୱନ୍ଦୀ ଦଳ ଜିରୋ ଜିରୋ ପାଇଛନ୍ତି । ଏହି ଉତ୍ସବରେ ଉଦ୍ଘାଟକ ଭାବେ ଜାତୀୟ କଂଗ୍ରେସର ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ସମ୍ମାନନୀୟ ଅତିଥି ଭାବେ କ୍ରିକେଟ ଆସୋସିଏସନ୍ ଅଫ ଓଡ଼ିଶାର ସମ୍ପାଦକ ସଞ୍ଜୟ ବେହେରା ଓ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜାତୀୟ ଫୁଟବଲ୍ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂହ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଫୁଟବଲ୍ ପ୍ରତିଯୋଗିତାର ବିଜେତା ଦଳକୁ ଶୁଭାଶିଷ କର ମେମୋରିଆଲ କପ୍, ଉପବିଜେତା ଦଳକୁ ଶେଖ୍ ହୀରା ମେମୋରିଆଲ କପ୍, ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିକୁ ସୁରେନ୍ଦ୍ର ବେହେରା ମେମୋରିଆଲ ଟ୍ରଫି ଓ ଶ୍ରେଷ୍ଠ ଗୋଲ କିପରକୁ ବିଷ୍ଣୁ ଚରଣ ବେହେରା ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇ ଥିଲା । ୟୁଥ୍ ଗୋଲେକ୍ସି ଫୁଟବଲ କ୍ଲବର ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶିଭାଶିଷ କର, ସ୍ଥାନୀୟ କର୍ପୋରେଟର୍ ଏ ଶ୍ରୀଦେବୀ, ଆର୍ ବି ଆଇ ମମତାଜ୍ ଭାଇ ତଥା ସେହି ଅଂଚଳର କିଛି ମୁରବୀ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଉତ୍କଟ ହେଉଛି ଟ୍ରାଫିକ ସମସ୍ୟା : ପ୍ରଶାସନ ନିଦ୍ରାରେ



ଧାମନଗର(ନିପ୍ର) : ଧାମନଗର ସହର ଓ ଏହାର ଆଖପାଖ ଅଂଚଳରେ ଟ୍ରାଫିକ ବ୍ୟବସ୍ଥା ଏବେ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବଜାରରେ ଅସମ୍ଭାଳ ଭିଡ଼ ସାଙ୍ଗକୁ ବେଆଇନ ପାର୍କିଂ ଏବଂ ଜବରଦଖଲ ଯୋଗୁଁ ସାଧାରଣ ଲୋକଙ୍କ ଯାତାୟାତ ଏକ ପ୍ରକାର ଦୁର୍ବିସହ ହୋଇପଡ଼ିଛି । ସବୁ ଜାଣି ମଧ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ଅଂଚଳ ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ବଜାରର ମୁଖ୍ୟ ରାସ୍ତା ଉପରେ ଦୋକାନୀମାନେ ନିଜର ପସରା ମେଲାଇ ଦେଉଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି । ଏହା ବ୍ୟତୀତ, ଅନେକ ସ୍ଥାନରେ ଗାଡ଼ି ମାଲିକମାନେ ନିଜ ଯାନବାହନକୁ ବେଆଇନ ଭାବେ ଘଂଟା ଘଂଟା ଧରି ରାସ୍ତା ଉପରେ ରଖୁଛନ୍ତି । ବିଶେଷ କରି ମାଲବାହୀ ଗାଡ଼ିଗୁଡ଼ିକ ରାସ୍ତା ମଝିରେ ଛିଡ଼ା ହୋଇ ମାଲ୍ ଅନଲୋଡ କରୁଥିବାରୁ ପରିସ୍ଥିତି ଅଧିକ ଜଟିଳ ହେଉଛି । ଦୋବଲ ବଜାର ଅଂଚଳରେ ଡ୍ରେନ ନିର୍ମାଣ ହୋଇଚି ଯାହା ଫଳରେ ରାସ୍ତାରେ ଯାତାୟାତ ପାଇଁ ସ୍ଥାନ ଅଭାବ ପଡୁଛି । ଫଳରେ ଦୈନିକ ହଜାର ହଜାର ଯାତ୍ରୀ ଓ ଯାନବାହନ ଘଂଟା ଘଂଟା ଧରି ଟ୍ରାଫିକ ଜାମ ରେ ଫସି ରହୁଛନ୍ତି । ଧାମନଗର ଦେଇ ଦୈନିକ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଶତାଧିକ ଘରୋଇ ଓ ସରକାରୀ ବସ୍ ଯାତାୟାତ କରିଥାଏ । ତେବେ ରାସ୍ତାରେ ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ନଥିବାରୁ ବସ୍ ଗୁଡ଼ିକ ଯିବା ଆସିବା ସମୟରେ ବଡ଼ ଧରଣର ଜାମ୍ ସୃଷ୍ଟି ହେଉଛି । ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ ଅନେକ ସମୟରେ ଏହି ଭିଡ଼ରେ ଅଟକି ରହୁଥିବା ଦେଖିବାକୁ ମିଳୁଛି । ଅଂଚଳବାସୀଙ୍କ ଅଭିଯୋଗ ଅନୁସାରେ, ଏହି ସମସ୍ୟା ବାବଦରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ କିମ୍ବା ପୋଲିସ ବିଭାଗ ପକ୍ଷରୁ କୌଣସି କଠୋର ପଦକ୍ଷେପ ନିଆଯାଉ ନାହିଁ । ଥାନାରେ ଆବଶ୍ୟକ ଷ୍ଟାପ ନଥିବାରୁ ଟ୍ରାଫିକ ସମସ୍ୟା କୁ ରୋକି ହେଉନାହିଁ ତେବେ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ବେବସ୍ଥା କରା ଯିବ ବୋଲି ଧାମନଗର ଥାନା ଅଧିକାରୀ ସୁବ୍ରଜିତି ଦାଶ କହିଛନ୍ତି ।

# ହାଇକୋର୍ଟରେ ଦାଖଲ ହୋଇଥିବା ଜାମିନ ମାମଲାର ଶୀଘ୍ର ଫଇସଲା ପାଇଁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ସୋମବାର ଦିନ ସୁପ୍ରିମକୋର୍ଟ ବିଭିନ୍ନ ହାଇକୋର୍ଟରେ ଦାଖଲ ହୋଇଥିବା ଜାମିନ ଆବେଦନଗୁଡ଼ିକର ଶୀଘ୍ର ଫଇସଲା ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଜାରି କରିଛନ୍ତି । ଦେଶର ସର୍ବୋଚ୍ଚ ଅଦାଲତ ଏହିପରି ମାମଲାଗୁଡ଼ିକର ତାଲିକା, ଶୁଣାଣିରେ ବ୍ୟାକଲଗ୍ ଏବଂ ବାରମ୍ବାର ବିଳମ୍ବ ଉପରେ ଚିନ୍ତା ପ୍ରକାଶ କରିଛନ୍ତି । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲା (ସନି ଚୌହାନ ବନାମ ପଞ୍ଜାବ ରାଜ୍ୟ) ଶୁଣାଣି କରୁଥିଲେ ଯେଉଁଥିରେ ଏହା ପୂର୍ବରୁ ସାରା ଦେଶର ହାଇକୋର୍ଟରୁ ବିଚାରାଧୀନ ଜାମିନ ଆବେଦନ ବିଷୟରେ ସୂଚନା ମାଗିଥିଲା । ଅଧିକାଂଶ ହାଇକୋର୍ଟ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଛନ୍ତି ଏବଂ ଜାମିନ ମାମଲାର ସମୟସୀମା ସମାଧାନ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି ବୋଲି ଉଲ୍ଲେଖ କରି, କୋର୍ଟ କିଛି କ୍ଷେତ୍ରାଧିକାର, ବିଶେଷକରି ଆହ୍ଲାବାଦ ହାଇକୋର୍ଟରେ ବିଚାରାଧୀନ ମାମଲା ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି ।

# ଦିଲ୍ଲୀରେ ବାଧା-ବିହୀନ ଟୋଲିଂ ସିଷ୍ଟମ ଉଦ୍‌ଘାଟନ କଲେ ନୀତିନ ଗଡ଼କରୀ



ନୂଆଦିଲ୍ଲୀ : କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସୋମବାର ଦିନ ଦିଲ୍ଲୀର ୟୁଇଆର ୨ ସ୍ଥିତ ମୁଣ୍ଡକା ବାକରୱାଲା ଟୋଲ୍ ପ୍ଲାଜାରେ ମଲ୍ଟି-ଲେନ୍ ଫ୍ରି ଫ୍ଲୋ (ଏମଏଲଏଫଏଫ) ବାରିଅର-ଲେସ୍ ଟୋଲିଂ ସିଷ୍ଟମ୍ ଉଦଘାଟନ କରିଛନ୍ତି । ଏହା ଦେଶର ଦ୍ୱିତୀୟ ଏପରି ସିଷ୍ଟମ୍ । ପ୍ରଥମ ସିଷ୍ଟମ୍ ମେ ୨ ତାରିଖରେ ଗୁଜୁରାଟର ଏନଏଚ୍ ୪୮ ର ସୁରତ-ଭରୁଚ ସେକ୍ସନରେ ଚୋରୟାସି ଟୋଲ୍ ପ୍ଲାଜାରେ କାର୍ଯ୍ୟକାରୀ ହୋଇଥିଲା । କେନ୍ଦ୍ର ରାଜ୍ୟ ମନ୍ତ୍ରୀ ହର୍ଷ ମାଲହୋତ୍ରା ଏବଂ ଅଜୟ ଟାମ୍ଟା, ପଶ୍ଚିମ ଦିଲ୍ଲୀ ସାଂସଦ କମଲଜିତ ସେହରାୱତ, ଉତର ପଶ୍ଚିମ ଦିଲ୍ଲୀ ସାଂସଦ ଯୋଗେନ୍ଦ୍ର ଚନ୍ଦୋଲିଆ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ ଉଦଘାଟନ ଉତ୍ସବରେ ଉପସ୍ଥିତ ଥିଲେ । ଗଡକରୀ କହିଛନ୍ତି ଯେ ପୂର୍ବରୁ ଟୋଲ୍ ପ୍ଲାଜାରେ ଲମ୍ବା ଧାଡ଼ି ଲାଗି ରହୁଥିଲା, ଯାହା ଫଳରେ ଯାତ୍ରୀମାନଙ୍କୁ ଘଂଟା ଘଂଟା ଅପେକ୍ଷା କରିବାକୁ ପଡୁଥିଲା । ଏହା କେବଳ ସମୟ ନଷ୍ଟ କରୁନଥିଲା ବରଂ ବାରମ୍ବାର ଗିଅର୍ ପରିବର୍ତ୍ତନ ଏବଂ ଇଞ୍ଜିନ୍ ଚାଲିବା ଯୋଗୁଁ ଇନ୍ଧନ ଖର୍ଚ୍ଚ ମଧ୍ୟ ବୃଦ୍ଧି କରୁଥିଲା । ନୂତନ ସିଷ୍ଟମ୍ ଏହି ସମସ୍ୟାଗୁଡ଼ିକୁ ଦୂର କରିବ ଏବଂ ଜନସାଧାରଣଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ । ସେ କହିଛନ୍ତି ଯେ ଭବିଷ୍ୟତ ଜ୍ଞାନକୁ ଧନରେ ପରିଣତ କରିବାରେ ନିହିତ, ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ରାଜସ୍ୱ ସଂଗ୍ରହରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିଛି ।




# ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ୧୯୯୮ ମସିହାର ସଫଳ ପୋଖରନ ପରମାଣୁ ପରୀକ୍ଷଣକୁ ଭାରତର ବୈଜ୍ଞାନିକ କ୍ଷମତା ଏବଂ ଆତ୍ମବିଶ୍ୱାସର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସ ପୋଷ୍ଟରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଇଁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଆମେ ଆମର ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ଏବଂ ସମର୍ପଣକୁ ଗର୍ବର ସହିତ ମନେ ରଖୁଛୁ, ଯାହା ୧୯୯୮ ମସିହାରେ ପୋଖରାନରେ ସଫଳ ପରୀକ୍ଷଣରେ ପରିଣତ ହୋଇଥିଲା । ସେହି ଐତିହାସିକ ମୁହୂର୍ତ୍ତ, ସେ ଉଲ୍ଲେଖ କରିଥିଲେ, ଭାରତର ବୈଜ୍ଞାନିକ ଉତ୍କୃଷ୍ଟତା ଏବଂ ଅଟଳ ପ୍ରତିବଦ୍ଧତାର ପ୍ରତୀକ ଥିଲା ।ସେ ମନ୍ତବ୍ୟ ଦେଇଥିଲେ ଯେ ପ୍ରଯୁକ୍ତିବିଦ୍ୟା ଏକ ଆତ୍ମନିର୍ଭରଶୀଳ ଭାରତ ଗଠନରେ ଏକ ପ୍ରମୁଖ ସ୍ତମ୍ଭ ଭାବରେ ଉଭା ହୋଇଛି । ଏହା ନବସୃଜନକୁ ତ୍ୱରାନ୍ୱିତ କରୁଛି, ସୁଯୋଗକୁ ବିସ୍ତାର କରୁଛି ଏବଂ ବିଭିନ୍ନ କ୍ଷେତ୍ରରେ ଦେଶର ବିକାଶରେ ଯୋଗଦାନ ଦେଉଛି । ମୋଦୀ ଆହୁରି କହିଛନ୍ତି ଯେ ସରକାରଙ୍କ ନିରନ୍ତର ପ୍ରୟାସ ପ୍ରତିଭାକୁ ସଶକ୍ତ କରିବା, ଗବେଷଣାକୁ ଉତ୍ସାହିତ କରିବା ଏବଂ ଦେଶର ପ୍ରଗତିକୁ ପ୍ରୋତ୍ସାହିତ କରିବା ଏବଂ ଆମ ଲୋକଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ସମାଧାନ ବିକାଶ କରିବା ଉପରେ କେନ୍ଦ୍ରିତ ।ଏହି ଅବସରରେ, ପ୍ରଧାନମନ୍ତ୍ରୀ ଏକ ସଂସ୍କୃତ ସୁଭାଷିତ (ସୂଚନା) ମଧ୍ୟ ବାଂଟିଥିଲେ, ଯାହା 'ଅଗ୍ନି' (ଅଗ୍ନି)କୁ ସ୍ୱର୍ଗର ସର୍ବୋଚ୍ଚ ଶକ୍ତି ଏବଂ ପୃଥିବୀର ସମସ୍ତ ଶକ୍ତିର ମୌଳିକ ଉତ୍ସ ଭାବରେ ବର୍ଣ୍ଣନା କରେ । ସେ ବ୍ୟାଖ୍ୟା କରିଥିଲେ ଯେ ଅଗ୍ନିର ଏହି ଉପାଦାନ ହିଁ ପଦାର୍ଥର କ୍ଷୁଦ୍ରତମ କଣିକା ମଧ୍ୟରେ ସୁପ୍ତ ଅପାର ଶକ୍ତିକୁ ଜାଗ୍ରତ କରେ, ସମଗ୍ର ସୃଷ୍ଟିରେ ଶକ୍ତି ଏବଂ ଗତି ପ୍ରଦାନ କରେ ।

# ଜାତୀୟ ଫଂଚାୟତ ସମ୍ମାନରେ ଓଡ଼ିଶାକୁ ୫ଟି ପୁରସ୍କାର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଜାତୀୟ ଫଂଚାୟତ ସମ୍ମାନ-୨୦୨୫ରେ ଓଡ଼ିଶାକୁ ୫ଟି ପୁରସ୍କାର ମିଳିବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।ଏହି କୃତିତ୍ୱ ପାଇଁ ଫଂଚାୟତ ଓ ଜିଲ୍ଲାର ସମସ୍ତ ପ୍ରତିନିଧି, ପ୍ରଶାସନିକ କର୍ମକର୍ତ୍ତା ଏବଂ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଛନ୍ତି । ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶାର ଫଂଚାୟତଗୁଡ଼ିକ ଜାତୀୟ ଫଂଚାୟତ ସମ୍ମାନ-୨୦୨୫ରେ ୫ଟି ପୁରସ୍କାର ହାସଲ କରିବା ଆମ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଗଞ୍ଜାମ ଜିଲ୍ଲାକୁ ଦେଶର ଶ୍ରେଷ୍ଠ ୨ୟ ଜିଲ୍ଲା ଫଂଚାୟତ ଭାବେ ସମ୍ମାନଜନକ ନାନାଜୀ ଦେଶମୁଖ୍ ସର୍ବୋତମ ଫଂଚାୟତ ସତତ ବିକାଶ ପୁରସ୍କାର ମିଳିଥିବା ବେଳେ ଗଞ୍ଜାମ ଜିଲ୍ଲାର ପୋଟାଲମ୍ପୁର ଫଂଚାୟତକୁ ସୁସ୍ଥ ଫଂଚାୟତ, କେନ୍ଦୁଝର ଜିଲ୍ଲାର ପଡୁଆଁ ଫଂଚାୟତକୁ ଜଳ ସମୃଦ୍ଧ ଫଂଚାୟତ, ସୁନ୍ଦରଗଡ଼ ଜିଲ୍ଲାର ହାତିବନ୍ଧ ଫଂଚାୟତକୁ ସ୍ୱଚ୍ଛ ଓ ସବୁଜ ଫଂଚାୟତ ଏବଂ ଗଞ୍ଜାମ ଜିଲ୍ଲାର ମନ୍ଦାର ଫଂଚାୟତକୁ ସାମାଜିକ ନ୍ୟାୟ ଓ ସାମାଜିକ ସୁରକ୍ଷିତ ଫଂଚାୟତ ଶ୍ରେଣୀରେ ସମ୍ମାନଜନକ ଦୀନ ଦୟାଲ ଉପାଧାୟ ଫଂଚାୟତ ସତତ ବିକାଶ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଏହି ଅଭିନନ୍ଦନୀୟ କୃତିତ୍ୱ ପାଇଁ ମୁଁ ସମ୍ପୃକ୍ତ ଫଂଚାୟତ ଓ ଜିଲ୍ଲାର ସମସ୍ତ ପ୍ରତିନିଧି, ପ୍ରଶାସନିକ କର୍ମକର୍ତ୍ତା ଏବଂ ଜନସାଧାରଣଙ୍କୁ ଆନ୍ତରିକ ସାଧୁବାଦ ଜଣାଉଛି । ସ୍ଥାନୀୟ ସ୍ତରରେ ସାମୂହିକ ସହଭାଗିତା ମାଧ୍ୟମରେ କିଭଳି ବଡ଼ ପରିବର୍ତ୍ତନ ଅଣାଯାଇପାରେ, ଏହି ସଫଳତା ତାହାର ଏକ ଅନୁକରଣୀୟ ଉଦାହରଣ । ବିକଶିତ ଓଡ଼ିଶାର ପରିକଳ୍ପନାକୁ ସାକାର କରିବାରେ ଆମର ଫଂଚାୟତଗୁଡ଼ିକ ଏଭଳି ସଶକ୍ତ ଏବଂ ଆଦର୍ଶ ହେବା ଅତ୍ୟନ୍ତ ଶୁଭଙ୍କର ଏବଂ ଆଗାମୀ ଦିନରେ ଏହି ଧାରା ବଜାୟ ରହିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ହେଉ, ଏହା ହିଁ ମୋର କାମନା ।

# ଦୋହରିଘାଟ-ମାଉ-ଅଉନରିହାର ପାସେଞ୍ଜର ଟ୍ରେନର ଶୁଭାରମ୍ଭ କଲେ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ : କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦୋହରିଘାଟ-ଅଉନରିହାର ପାସେଞ୍ଜର ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଉତର ପ୍ରଦେଶ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଶ୍ରୀ ଅରବିନ୍ଦ କୁମାର ଶର୍ମା, ସାଂସଦ ରାଜୀବ ରାୟଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବରିଷ୍ଠ ରେଳ ଅଧିକାରୀଙ୍କ ଉପସ୍ଥିତିରେ ଏହି ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଉତର ପ୍ରଦେଶର ପୂର୍ବାଂଚଳରେ ରେଳ ସଂଯୋଗ ଏବଂ ଯାତ୍ରୀ ସୁବିଧା ବୃଦ୍ଧି ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ରେଳ ଯାତ୍ରୀଙ୍କ ସୁବିଧା ଏବଂ ମାଉ ଏବଂ ଗାଜିପୁର ଜିଲ୍ଲାର ଲୋକଙ୍କ ପାଇଁ ସିଧାସଳଖ ଦୈନିକ ସଂଯୋଗ ପାଇଁ ଦୀର୍ଘ ଦିନର ଦାବିକୁ ଦୃଷ୍ଟିରେ ରଖି ଏହି ନୂତନ ଟ୍ରେନ୍ ସେବା ଆରମ୍ଭ କରାଯାଇଛି । ଏହି ଟ୍ରେନ୍ ସାଦତ, ଜାଖାନିଆନ, ଦୁଲ୍ଲାପୁର, ମାଉ, ଇନ୍ଦାରା, କୋପାଗଞ୍ଜ, ଘୋସି, ଆମିଲା ଏବଂ ମୁରାଦପୁର ଷ୍ଟେସନରେ ଅଟକିବ । ଏହି ଟ୍ରେନକୁ ଖୁବ୍ ଶୀଘ୍ର ବାରାଣସୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବ । ଦୈନିକ ଯାତ୍ରୀ ଏବଂ ଏହି ମାର୍ଗରେ ଥିବା ଅନ୍ୟ ଯାତ୍ରୀମାନଙ୍କୁ ଆରାମଦାୟକ ଏବଂ ସୁବିଧାଜନକ ଯାତ୍ରା ପ୍ରଦାନ କରିବା ପାଇଁ ଡିଜାଇନ୍ ହୋଇଥିବା ଯାତ୍ରୀବାହୀ କୋଚକୁ ନେଇ ଏହି ଟ୍ରେନ୍ ୮-କୋଚ୍ ରେକ୍ ସହିତ ଚଳାଚଳ କରିବ । ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି ଶ୍ରୀ ବୈଷ୍ଣବ କହିଥିଲେ ଯେ ନୂତନ ଭାବେ ଆରମ୍ଭ ହୋଇଥିବା ଅଉନରିହାର- ଦୋହରିଘାଟ-ଅଉନରିହାର ଯାତ୍ରୀ ସେବାକୁ ବାରାଣସୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବ । ଏହି ସମ୍ପ୍ରସାରଣ ବାରାଣସୀର ସାଂସ୍କୃତିକ ଏବଂ ବାଣିଜ୍ୟିକ କେନ୍ଦ୍ର ସହିତ ସିଧାସଳଖ ସଂଯୋଗ ପ୍ରଦାନ କରିବ, ଯାହା ଦୈନିକ ଯାତ୍ରୀ, ଛାତ୍ର, ବ୍ୟବସାୟୀ ଏବଂ ତୀର୍ଥଯାତ୍ରୀମାନଙ୍କୁ ଉପକୃତ କରିବ ଏବଂ ପୂର୍ବ ଉତର ପ୍ରଦେଶରେ ରେଳ ପ୍ରବେଶକୁ ଆହୁରି ମଜବୁତ କରିବ । ଏହି ନୂତନ ଟ୍ରେନ୍ ସେବା ମାଉ, ଗାଜିପୁର ଏବଂ ଆଖପାଖ ଅଂଚଳର ଯାତ୍ରୀମାନଙ୍କୁ ସିଧାସଳଖ, ସୁଲଭ, ନିରାପଦ ଏବଂ ଆରାମଦାୟକ ଦୈନିକ ରେଳ ଯାତ୍ରା ପ୍ରଦାନ କରିବ । ଏହି ଟ୍ରେନ ଆଉନରିହାର-ଦୋହରିଘାଟ କରିଡରରେ ଥିବା ସହର ଏବଂ ଗାଁର ବାସିନ୍ଦାଙ୍କୁ ସିଧାସଳଖ ଲାଭାନ୍ୱିତ କରିବ । ଏହି ସେବା ପର୍ଯ୍ୟଟନ, ସ୍ଥାନୀୟ ବାଣିଜ୍ୟ, ଶିକ୍ଷା ଏବଂ ରୋଜଗାରକୁ ସହାୟତା କରିବ ଏବଂ ଏହି ଅଂଚଳର ଲୋକଙ୍କ ଦୀର୍ଘ ଦିନର ଦାବି ପୂରଣ କରିବ ବୋଲି ଆଶା କରାଯାଉଛି । ଦୋହରିଘାଟ ଠାରେ ଏକ ଜନସଭାକୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ ଦୋହରିଘାଟକୁ ଏକ ଗଭୀର ଧାର୍ମିକ ଏବଂ ସାଂସ୍କୃତିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ବର୍ଣ୍ଣନା କରିଥିଲେ, ଯାହା ଭଗବାନ ଶ୍ରୀ ରାମଙ୍କ ସହ ଜଡ଼ିତ ଏବଂ ଭଗବାନ ଶ୍ରୀ ପର୍ଶୁରାମଜୀଙ୍କ ସମାଗମ ସ୍ଥଳ ଭାବେ ସମ୍ମାନିତ । ପୂର୍ବାଂଚଳରୁ ଦିଲ୍ଲୀକୁ ଉନ୍ନତ ସଂଯୋଗ ପାଇଁ ଦୀର୍ଘ ଦିନର ଦାବିକୁ ଦୃଷ୍ଟିରେ ରଖି ଶ୍ରୀ ବୈଷ୍ଣବ ଉତର ଗଙ୍ଗା କରିଡର ଜରିଆରେ ଏକ ନୂଆ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ଘୋଷଣା କରିଥିଲେ ।

# ଜୁଲାଇ ପହିଲାରୁ ଗ୍ରାମୀଣ ଭାରତରେ ବିକଶିତ ଭାରତ-ଜି ରାମ ଜି ଆଇନର ଐତିହାସିକ ଆରମ୍ଭ

ନୂଆଦିଲ୍ଲୀ : ଭାରତର ଗ୍ରାମୀଣ ବିକାଶ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଂଟ ଭାବରେ ଭାରତ ସରକାର, ୧୧ ମେ' ୨୦୨୬ରେ, 'ବିକଶିତ ଭାରତ (ଗ୍ରାମୀଣ) - ରୋଜଗାର ଏବଂ ଆଜିବୀକା ମିଶନ ପାଇଁ ଗ୍ୟାରେଂଟି (ଭିବି – ଜି ରାମ ଜି) ଆଇନ, ୨୦୨୫' କାର୍ଯ୍ୟକାରୀ କରିବା ପାଇଁ ବିଜ୍ଞପ୍ତି ଜାରି କରିଥିଲେ, ଯାହା ୧ ଜୁଲାଇ ୨୦୨୬ ରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବ । ଭିବି – ଜି ରାମ ଜି ଆଇନ କାର୍ଯ୍ୟକାରୀ ହେବା ସହିତ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଂଟି ଆଇନ (ଏମଜିଏନଆରଇଜିଏ), ୨୦୦୫ ସେହି ତାରିଖରୁ ପ୍ରତ୍ୟାହାର ହୋଇଯିବ । ଏହା ଭାରତର ଗ୍ରାମୀଣ ବିକାଶ ଢାଂଚାରେ ଏକ ଐତିହାସିକ ପରିବର୍ତ୍ତନକୁ ଚିହ୍ନିତ କରେ । ଏହା ବିକଶିତ ଭାରତ @୨୦୪୭ ର ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱିତ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ଉତ୍ପାଦକତା-ମୁଖୀ ଗ୍ରାମୀଣ ପରିବର୍ତ୍ତନର ଏକ ନୂତନ ଯୁଗର ଆରମ୍ଭ କରେ । ନୂତନ ଢାଂଚା ଅନୁଯାୟୀ, ପ୍ରତ୍ୟେକ ଗ୍ରାମୀଣ ପରିବାର ଯାହାର ବୟସ୍କ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବରେ ଅଣକୁଶଳୀ ଶାରୀରିକ ଶ୍ରମ କରନ୍ତି, ସେମାନେ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ମଜୁରୀ ନିଯୁକ୍ତିର ବୈଧାନିକ ଗ୍ୟାରେଂଟି ପାଇବାକୁ ହକଦାର ହେବେ । ଏହି ବର୍ଦ୍ଧିତ ଗ୍ୟାରେଂଟିର ଉଦ୍ଦେଶ୍ୟ ହେଉଛି ଜୀବିକା ସୁରକ୍ଷାକୁ ସୁଦୃଢ଼ କରିବା, ଗ୍ରାମୀଣ ଆୟରେ ଉନ୍ନତି ଆଣିବା ଏବଂ ଗ୍ରାମ ସ୍ତରରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶ୍ରମିକମାନଙ୍କ କାର୍ଯ୍ୟ ଦାବି ଅନୁଯାୟୀ ସେମାନଙ୍କୁ ନିଯୁକ୍ତି ଯୋଗାଇ ଦିଆଯିବ । ନଚେତ୍ ଆଇନର ବ୍ୟବସ୍ଥା ଅନୁଯାୟୀ ଶ୍ରମିକମାନେ ବେକାରୀ ଭତା ପାଇବା ପାଇଁ ହକଦାର ରହିବେ । ଏହି ଆଇନ ସମୟୋଚିତ ଏବଂ ସ୍ୱଚ୍ଛ ମଜୁରୀ ପ୍ରଦାନ ଉପରେ ଗୁରୁତ୍ୱାରୋପ କରେ । ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ମାଧ୍ୟମରେ ଶ୍ରମିକଙ୍କ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ ଆକାଉଂଟକୁ ମଜୁରୀ ସିଧାସଳଖ ସ୍ଥାନାନ୍ତରିତ ହେବ । ସାପ୍ତାହିକ ଭାବରେ କିମ୍ବା ମଷ୍ଟର ରୋଲ୍ ବନ୍ଦ ହେବାର ପନ୍ଦର ଦିନ ମଧ୍ୟରେ ମଜୁରୀ ପ୍ରଦାନ କରାଯିବ । ଏହା ନ ହେଲେ, ଶ୍ରମିକମାନେ ଶ୍ରମ ଆଇନର ବ୍ୟବସ୍ଥା ଅନୁଯାୟୀ ବିଳମ୍ବ ପାଇଁ କ୍ଷତିପୂରଣ ପାଇବାକୁ ହକଦାର ହେବେ । ଭାରତ ସରକାର ବିକଶିତ ଭାରତ - ଜି ରାମ ଜି ଆଇନ, ୨୦୨୫ ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ବ୍ୟାପକ ଆର୍ଥିକ ବ୍ୟବସ୍ଥା ସୁନିଶ୍ଚିତ କରିଛନ୍ତି । ୨୦୨୬ - ୨୭ ଆର୍ଥିକ ବର୍ଷ ପାଇଁ, କେନ୍ଦ୍ର ସରକାର ୯୫,୬୯୨.୩୧ କୋଟି ଟଙ୍କାର ବଜେଟ ଆବଂଟନ କରିଛନ୍ତି, ଯାହା ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ ବଜେଟ ଆକଳନ ପର୍ଯ୍ୟାୟରେ ସର୍ବାଧିକ ଆବଂଟନ । ରାଜ୍ୟଗୁଡ଼ିକର ସମ୍ଭାବ୍ୟ ଅବଦାନକୁ ମିଶାଇ, ମୋଟ କାର୍ଯ୍ୟକ୍ରମ ବ୍ୟୟ ଅଟକଳ ୧.୫୧ ଲକ୍ଷ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଏହି ଆବଂଟନ ଗ୍ରାମୀଣ ଭିତିଭୂମି ବିକାଶ, ବୃହତ ପରିମାଣର ନିଯୁକ୍ତି ସୃଷ୍ଟି ଏବଂ ଗ୍ରାମୀଣ ଆୟ ବୃଦ୍ଧିକୁ ନୂତନ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି । ସୁଗମ, ସାବଲୀଳ ଏବଂ ଶ୍ରମିକ - କୈନ୍ଦ୍ରିକ ପରିବର୍ତ୍ତନ ସୁନିଶ୍ଚିତ କରିବା ପାଇଁ, ନୂତନ ଆଇନ ଆରମ୍ଭ ହେବା ପର୍ଯ୍ୟନ୍ତ ଏମଜିଏନଆରଇଜିଏ ଅଧୀନରେ ନିଯୁକ୍ତି ନିରବଚ୍ଛିନ୍ନ ଭାବରେ ଜାରି ରହିବ । ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଏମଜିଏନଆରଇଜିଏ ଅଧୀନରେ ଚାଲିଥିବା କାର୍ଯ୍ୟଗୁଡ଼ିକୁ ବିକଶିତ ଭାରତ - ଜି ରାମ ଜି ର ବ୍ୟବସ୍ଥା ସହିତ ସୁସଙ୍ଗତତା ସୁନିଶ୍ଚିତ କରି ନୂତନ ଢାଂଚାରେ ସଂରକ୍ଷିତ ଏବଂ ପରିଚାଳନା କରାଯିବ ।

# ଚାରି ଲେନ୍ ବିଶିଷ୍ଟ ହେବ ଭବାନୀପାଟଣା-ଖରିଆର ରୋଡ୍ : ମନ୍ତ୍ରୀ



ଭୁବନେଶ୍ୱର : ଭବାନୀପାଟଣା-ଖରିଆର ରାସ୍ତାକୁ ଦୁଇ ଲେନ୍ ଚାରି ଲେନ୍ ବିଶିଷ୍ଟ ହେବ । ଏହି ରାସ୍ତା ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକଙ୍କ ଗମନାଗମନରେ ସୁବିଧା ହେବ । ଏଥି ସହ କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀ ବିଶେଷ ଭାବେ ଉପକୃତ ହେବେ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଏହି ରାସ୍ତା ମଧ୍ୟରେ ଥିବା ୫ଟି ମୁଖ୍ୟ ସେତୁ ଓ ୧୫ଟି ଛୋଟ ସେତୁର ମଧ୍ୟ ନିର୍ମାଣ କରାଯିବ । ଏଥି ସହିତ ତେଲ ନଦୀ ଉପରେ ଥିବା ପୁରୁଣା ସେତୁର ମଧ୍ୟ ମରାମତି ଓ ନବୀକରଣ ହେବ । ପ୍ରାୟ ୭୦ କିଲୋମିଟର ଦୀର୍ଘ ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୬୪୦ କୋଟି ଟଙ୍କା ବ୍ୟୟବରାଦ ରହିଛି । ସେତୁ ନିର୍ମାଣ ପାଇଁ ପ୍ରାୟ ୯୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ନୂତନ ଭବାନୀପାଟଣା-ଖରିଆର ରାସ୍ତା ଭବାନୀପାଟଣା ଏବଂ ଖରିଆର ଅଂଚଳର ଲୋକଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ । କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲା ମଧ୍ୟରେ ଯୋଗାଯୋଗ ତ୍ୱରିତ ଏବଂ ସୁଗମ ହେବା ସହ ସଂଯୁକ୍ତ ଗ୍ରାମଗୁଡ଼ିକର ଜନସାଧାରଣ ସହର ଏବଂ ବଜାରକୁ ମଧ୍ୟ ସହଜରେ ପହଂଚିପାରିବେ ।

# ପଞ୍ଜାବ ଆଗରେ ୨୧୧ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଦିଲ୍ଲୀ



ଧର୍ମଶାଳା : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୫ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହୋଇଛନ୍ତି । ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ସୋମବାର ଟସ୍ ଜିଣି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଶ୍ରେୟସ ଆୟରଙ୍କ ଦଳ ବ୍ୟାଟିଂ କରିଥିଲା । ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୧୦ ରନ୍ ସଂଗ୍ରହ କରିଛି । ଏହି ମ୍ୟାଚ୍ ଜିତିବା ପାଇଁ ଦିଲ୍ଲୀକୁ ୨୧୧ ରନ୍‌ର ବିଜୟ ଲକ୍ଷ୍ୟ ମିଳିଛି । ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ଉନ୍ନତଧରଣର ଥିଲା । ପ୍ରଥମ ୱିକେଟ୍ ପାଇଁ ପ୍ରିୟାଂଶ ଆୟର ଏବଂ ପ୍ରଭସିମରନ ସିଂହ ୭୮ ରନ୍‌ର ଭାଗିଦାରୀ କରିଥିଲେ । ଏଥିରୁ ପ୍ରଭସିମରନ ବ୍ୟକ୍ତିଗତ ଭାବେ ୧୮ ରନ୍ ସଂଗ୍ରହ କରିଥିଲେ । ଦିଲ୍ଲୀର ଦ୍ୱିତୀୟ ଶିକାର ହୋଇଥିଲେ ପ୍ରିୟାଂଶ ଆୟର । କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ ଦଳ ପାଇଁ ୫୬ ରନ୍‌ର ଯୋଗଦାନ ଦେଇଥିଲେ, ଯେଉଁଥିରେ ୨ଟି ଚୌକା ଏବଂ ୬ଟି ଛକା ସାମିଲ ଥିଲା । ଅଧିନାୟକ ଶ୍ରେୟସ ଆୟର ନିଜ ଟିମ୍ ପାଇଁ ସର୍ବାଧିକ ବ୍ୟକ୍ତିଗତ ରନ୍ କରିଥିଲେ । ସେ ୩୬ଟି ବଲ୍ ଖେଳି ଅପରାଜିତ ୫୯ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା । କୁପର କନୋଲି ୨୭ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୩୮ ରନ୍ ସଂଗ୍ରହ କରିଥିଲେ ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**